ଧରିତ୍ରୀ
DHARITRI
October 23-29, 2022 ₹2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ

## ଘଣ୍ଟି

ଘଣ୍ଟି ! ପବିତ୍ର ଏହାର ଧ୍ୱନି, ଯାହା ଶରୀରରେ ସକାରାତ୍ମକ ଉର୍ଜା ଭରିବା ସହ ପରିବେଶକୁ ଶୁଦ୍ଧ କରେ। ସେଇଥିପାଇଁ ତ ପ୍ରତିଟି ଶୁଭ କାର୍ଯ୍ୟ ଆରମ୍ଭ ହୁଏ ଏହାର ଧ୍ୱନି ସହ...







# ଧନ୍‌ତେରାସରେ ଘରକୁ କ'ଣ ଆଣିବେ

**ସୁ**ଖ ସମୃଦ୍ଧିର ପର୍ବ ଦୀପାବଳି। ଏହାର ପୂର୍ବରୁ ପଡିଥାଏ ଧନ୍‌ତେରାସ। ବିଶ୍ୱାସ ରହିଛି ଧନ୍‌ତେରାସ ହେଉ ଅବା ଦୀପାବଳି ଦିନ ଯଦି ସୁନା ରୂପା ଅଳଙ୍କାର କିଣାଯାଏ କିମ୍ବା କୌଣସି ନୂଆ ଜିନିଷକୁ କିଣି ଘରକୁ ଅଣାଯାଏ ତା'ହେଲେ ମହାଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। କିନ୍ତୁ ଜ୍ୟୋତିର୍ବିଦଙ୍କ ମତରେ, ଏହି ଦିନମାନଙ୍କରେ କେବଳ ଯେ ଦାମୀ ଜିନିଷ କିଣିଲେ ମା' ଲକ୍ଷ୍ମୀଙ୍କ ଆର୍ଶୀବାଦ ରହିବ ତାହା ନୁହେଁ, ଆହୁରି ଏମିତିବି କିଛି ଜିନିଷ ରହିଛି ଯାହାକୁ ଏହିଦିନ କିଣିଲେ ମା'ଙ୍କର କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ **ଲୁଣ:** ଏହା ସାମାନ୍ୟ ଲାଗିଲେ ବି ଏହାର ସମ୍ବନ୍ଧ ମାତା ଲକ୍ଷ୍ମୀଙ୍କ ସହିତ ରହିଛି। ତେଣୁ ଧନ୍‌ତେରାସ ହେଉ ଅବା ଦୀପାବଳିରେ ଆପଣ ଯଦି ସୁନାରୂପା କିଣିବାକୁ ଅସମର୍ଥ ତା'ହେଲେ ଗୋଟିଏ ଲୁଣ ପ୍ୟାକେଟ୍ ଘରକୁ କିଣି ଆଣନ୍ତୁ, ଏଥିରେ ବି ମହାଲକ୍ଷ୍ମୀ ଖୁସି ହେବେ।

✲ **କଉଡ଼ି:** ଧନ୍‌ତେରାସ ଅବା ଦୀପାବଳି ଦିନ କିଛି କଉଡ଼ିକୁ ଆଣି ଠାକୁର ଘରେ ହେଉ ଅବା ସିନ୍ଦୁକରେ ରଖିଲେ ଘରୁ କ୍ରମେ ଅଭାବ ଦୂର ହୁଏ ବୋଲି ବିଶ୍ୱାସ କରାଯାଏ।



✲ **ହଳଦୀ:** ଏହି ଦିନ ହଳଦୀ କିଣିବା ବି ଅତ୍ୟନ୍ତ ଶୁଭ ହୋଇଥାଏ।

✲ **ଗୋମତି ଚକ୍ର:** ଧନ୍‌ତେରାସ ହେଉ ଅବା ଦୀପାବଳିରେ ଗୋମତି ଚକ୍ର କିଣିବା ମଧ୍ୟ ଶୁଭ ସଙ୍କେତ ଦେଇଥାଏ।

✲ **ଶ୍ରୀଯନ୍ତ୍ର:** ଶ୍ରୀଯନ୍ତ୍ର ହେଉ ଅବା କୁବେର ଯନ୍ତ୍ରକୁ ଏହିଦିନ ଘରକୁ ଆଣି ଧନଥିବା ସ୍ଥାନରେ ରଖିଲେ କ୍ରମେ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୩-୨୯

### ମେଷ



ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ, କାର୍ଯ୍ୟସିଦ୍ଧି ଘଟିବ, ମିତ୍ର ସମାଗମ ହେବ, ଶୁଭଖବର ପାଇବେ, ଘର ସାଜସଜ୍ଜା କରିବେ, ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ିବ, ବନ୍ଧୁ ସାହାଯ୍ୟ କରିବେ, ପାରିବାରିକ ଶାନ୍ତି ଫେରିବ, ବିବାଦର ଅବସାନ ଘଟିବ, ଭ୍ରମଣସୁଖ ମିଳିବ ॥

### ବୃଷ



ସମସ୍ୟା ସମାଧାନ ହେବ, ଭାବପ୍ରବଣତା ବଢ଼ିବ, ମନୋବଳ ହ୍ରାସ ପାଇବ, ନିର୍ମାଣ ଶେଷ ପର୍ଯ୍ୟାୟକୁ ଯିବ, ନିଷ୍ପତି ନେଇ ପାରିବେନି, ପ୍ରତିବନ୍ଧକ ଲାଗି ରହିବ, ପଦୋନ୍ନତି ସୂଚନା ପାଇବେ, ଧାର କରଜ କରିବେ ॥

### ମିଥୁନ



କାର୍ଯ୍ୟଦକ୍ଷତା ବଢ଼ିବ, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣ ଯୋଗୁ କ୍ଲାନ୍ତି, ବାଣିଜ୍ୟରେ ଉନ୍ନତି, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ବାଦ ବିବାଦରୁ କଳହ, ରୋଗପୀଡା କମିବ ॥

### କର୍କଟ



ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ, ସଂସ୍କୃତି ଜ୍ଞାନ ବଢ଼ିବ, ଭ୍ରମଣ କ୍ଲେଶ, ଭ୍ରାତୃ ସମ୍ପର୍କହାନୀ, ଶିକ୍ଷାରେ ସଫଳତା, ମିଥ୍ୟାଗୁଜବରୁ ବିସ୍ମୟ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚସ୍ତରରୁ ସମ୍ମାନିତ ॥

### ସିଂହ



କର୍ମକ୍ଷେତ୍ରରେ ବିବାଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସାଂସ୍କୃତିକ କାର୍ଯ୍ୟକ୍ରମ, ମନୋରଞ୍ଜନରେ ଆଗ୍ରହ,ସ୍ତ୍ରୀଙ୍କ ପ୍ରେରଣା ଲାଭ, ଅଭୀଷ୍ଟ ସିଦ୍ଧି ଘଟିବ, ଆର୍ଥିକ ସ୍ଥିତିରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ଧରକରଜ କରିବେ, ଯାତ୍ରା ପାଇଁ ପ୍ରସ୍ତୁତି ॥

### କନ୍ୟା



ସମ୍ପର୍କୀୟଙ୍କ ମିତ୍ରତା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଶୁଭ ଖବର ପ୍ରାପ୍ତି, ଯୋଗାଣ କାରବାରରେ ଉନ୍ନତି, ଭାବ ପ୍ରବଣତା ବୃଦ୍ଧି, ମାନସିକ ବିଷାଦ, ବ୍ୟବସାୟରେ ସଫଳତା, ରୋଗପୀଡା କମିବ ॥

### ତୁଳା



ବନ୍ଧୁ ମିଳନ, ଭ୍ରମଣ ସୁଯୋଗ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଧାର ସୂତ୍ରରେ ଅର୍ଥଲାଭ, ସମସ୍ୟାର ମୁକାବିଲା, ଯାନବାହନରେ ତ୍ରୁଟି, କାର୍ଯ୍ୟ ଦକ୍ଷତାରୁ ପ୍ରଶଂସା, ମିତ୍ରବନ୍ଧୁ ଜୁଟିବେ, ଅଶୌଚ ଖବର ପ୍ରାପ୍ତି, ବାଧବାଧକତାରେ ଯାତ୍ରା ॥

### ବିଛା



ଅଶା ପୂରଣ, ବନ୍ଧୁଙ୍କ ସାହାଯ୍ୟ, ଆର୍ଥିକ ଦୂରବସ୍ଥା, ନିଜ ପରିସରରେ ପ୍ରତିଷ୍ଠା, ନିର୍ମାଣରେ ବିବାଦ, କାର୍ଯ୍ୟସ୍ଥଗିତ ରହିବ, ନିଃସଙ୍ଗତା ବୋଧ, ବନ୍ଧୁପ୍ରସ୍ତାବ ଆସିପାରେ, ଗୃହପୋକରଣ କ୍ରୟ, ଚୁକ୍ତିପତ୍ର ସ୍ୱାକ୍ଷରିତ, ପରିବାରରୁ ସହଯୋଗ ॥

### ଧନୁ



କର୍ମକ୍ଷେତ୍ରରେ ସମାଲୋଚନା, ବନ୍ଧୁଙ୍କୁ ଭେଟିପାରନ୍ତି, ପାରିଶ୍ରମିକ କମ୍ ପାଇବେ,ସମସ୍ୟା ସମାଧାନ, ମାନସିକ ସୁସ୍ଥତା ବ୍ୟାହତ, ସଙ୍ଗଦୋଷରୁ ସମାଲୋଚନା, ସଭା ସମିତିରେ ସଫଳତା, ଶତ୍ରୁ ଉପଦ୍ରବ ହ୍ରାସ, ବେପାରରେ ପ୍ରତିବନ୍ଧକ ॥

### ମକର



ସମସ୍ୟା ସମାଧାନ, ପରିସ୍ଥିତି ବଦଳିବ, ନୂଆ ଯୋଜନା କରିବେ, ପଡୋଶୀଙ୍କ ପରାମର୍ଶ, ଯାନବାହାନ କ୍ରୟ, ଯାତ୍ରାରୁ ସୁଫଳ, ବନ୍ଧୁ ସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରରେ ପ୍ରତିବାଦ, ଏଜେନ୍ସିପରୁ ଖୁସି, କରଜଦାତାଙ୍କ ଚାପ ବୃଦ୍ଧି ॥

### କୁମ୍ଭ



ମିତ୍ରବନ୍ଧୁ ଜୁଟିବେ, ଉତ୍ସାହିତ ରହିବେ, ଅନୁକୂଳ ପରିବେଶ ସୃଷ୍ଟି, ପଡୋଶୀଙ୍କ ଇର୍ଷା, ତର୍କ ବିବାଦ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଖୁସିଗପର ମଉକା, କାମ ହାସଲ କରିବେ, ଧର୍ମକାର୍ଯ୍ୟରେ ଆଗ୍ରହ ॥

### ମୀନ



ଶାରିରୀକ ସୁସ୍ଥତା, ପ୍ରିୟବନ୍ଧୁଙ୍କ ସହଯୋଗ, କର୍ମକ୍ଷେତ୍ରରେ ବିତର୍କ, ସ୍ଥାନାନ୍ତର ସୂଚନା, ନିର୍ମାଣର ପୂର୍ଣ୍ଣାଙ୍ଗତା, ଜମିଜମା କ୍ରୟବିକ୍ରୟ, କଳାସାହିତ୍ୟରେ ପ୍ରଶଂସା, ପ୍ରତିକୂଳତା ଦୂର ହେବ, ପାରିବାରିକ ବୁଝାମଣା ॥

# ଦୀପ ଜାଳିବେ କିପରି

**ଆ**ଲୋକର ପର୍ବ ଦୀପାବଳି। ସୁଖ, ଶାନ୍ତି, ସମୃଦ୍ଧି ତଥା ଅନ୍ଧକାର ଉପରେ ଆଲୋକର ବା ଅସତ୍ୟ ଉପରେ ସତ୍ୟର ବିଜୟ ପ୍ରତୀକ ଭାବେ ଏହାକୁ ମୁଖ୍ୟତଃ ପାଳନ କରାଯାଇଥାଏ। ଏହିଦିନ ସବୁଠି ନାନାଦି ରଙ୍ଗବେରଙ୍ଗର ଆଲୋକମାଳା ସହ ଦୀପରେ ବି ଘର, ରାସ୍ତାଘାଟ ଆଦି ସଜାଇ ଦିଆଯାଇଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଦୀପାବଳି ଦିନ ଦୀପ ଜାଳିବାକୁ ନେଇ ମଧ୍ୟ ରହିଛି କିଛି ନିୟମ। ଯେମିତିକି: ଦୀପାବଳୀ ଦିନ ଠାକୁର ଘର, ଦାଣ୍ଡ ଦୁଆର ତଥା ତୁଳସୀ ଚଉଁରା ମୂଳେ ଦୀପ ଜାଳିବା ସହ ନିକଟରେ ଯଦି ଅଶ୍ୱତ୍ଥ ଗଛ ରହିଛି, ତା'ହେଲେ ତା' ମୂଳରେ ମଧ୍ୟ ଦୀପଟିଏ ଜାଳିବା ଶୁଭ ହୋଇଥାଏ। କାରଣ ଅଶ୍ୱତ୍ଥ ଗଛରେ କୁଆଡ଼େ ତେତିଶ କୋଟି ଦେବଦେବୀ ବାସ କରିଥାନ୍ତି। ତେଣୁ ଏହା ମୂଳରେ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି ଦୀପାବଳି ଦିନ ଘରର ମୁଖ୍ୟଦ୍ୱାରର ଉଭୟ ପାଖେ ଦୁଇଟି ଦୀପ ଜଳାଇବା ବି ନିହାତି ଜରୁରୀ। କୁହାଯାଏ, ଏହାଦ୍ୱାରା



ମହାଲକ୍ଷ୍ମୀ ଖୁସି ହୋଇଥାନ୍ତି। କାରଣ ତାଙ୍କୁ ଅନ୍ଧାରୁଆ ସ୍ଥାନ ବା ଅନ୍ଧାର ଘର ଆଦୌ ଭଲ ଲାଗେ ନାହିଁ। ତେଣୁ ତାଙ୍କୁ ସ୍ୱାଗତ କରିବା ପାଇଁ ଏହାଠାରୁ ସହଜ ଉପାୟ ଆଉ କ'ଣ ହୋଇପାରେ। ଅନ୍ୟପକ୍ଷେ ଦୀପାବଳି ଦିନ ନିକାଞ୍ଚନ ସ୍ଥାନରେ ଥିବା ଶିବଲିଙ୍ଗଙ୍କ ପାଖରେ ଦୀପ ଜାଳିଲେ ପ୍ରଭୁକୃପା ଲାଭ ହେବା ସହ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

# ପାଠକୀୟ

✲ ଉଭୟ କଳାକାର ଓ କଳାପ୍ରେମୀଙ୍କୁ ଦିନେ ପାଗଳ କରିଥିଲା ମଞ୍ଚ ନାଟକ। କିନ୍ତୁ ସମୟକ୍ରମେ ଏହାର ଲୋକପ୍ରିୟତା କିଛିଟା କମିବାରେ ଲାଗିଲା। ହେଲେ ମଞ୍ଚପ୍ରିୟ କଳାକାରମାନେ ଏହାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ। ପୁଣିଥରେ ଅଣ୍ଟା ଭିଡ଼ିଲେ ମଞ୍ଚକୁ ସଜାଡ଼ିବା ପାଇଁ। ତେଣୁ କେତେଜଣ ମଞ୍ଚପ୍ରିୟ ବ୍ୟକ୍ତିତ୍ୱଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମଞ୍ଚ ମାୟା'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'କେଉଁଠି ରଖିବେ ମା' ଲକ୍ଷ୍ମୀଙ୍କ ଚରଣ ଚିହ୍ନ' ଓ 'ମା' ଲକ୍ଷ୍ମୀଙ୍କର ପ୍ରସାଦ' ଆଦି ପାଠଦୁଇଟିରୁ ଅନେକ ଅଜଣା କଥା ଜାଣିହେଲା।

*– ମମତା ମହାନ୍ତି, ନାଲ୍‌କୋ ନଗର, ଅନୁଗୋଳ*

✲ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମଞ୍ଚ ମାୟା' ଏକ ସୁନ୍ଦର ଆଲେଖ୍ୟ ଥିଲା। ହଜିଯାଉଥିବା ମଞ୍ଚକଳାକୁ ପୁନଃରୁଦ୍ଧାର କରିବା ପାଇଁ ଅଣ୍ଟା ଭିଡ଼ିଥିବା କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରଚେଷ୍ଟାକୁ ଏଠାରେ ସମ୍ମାନ ଦିଆଯାଇଥିବାରୁ ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଫେଷ୍ଟିଭ୍ ଜୁଏଲେରୀ ସମ୍ପର୍କରେ ବହୁ ଜରୁରୀ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଜଣା ଅଜଣା କଥା ଜାଣିହେଲା।

*– ମୁକେଶ ପ୍ରଧାନ, ବାଣୀବିହାର, ଭୁବନେଶ୍ୱର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ମା'' ଶୀର୍ଷକ ଗପଟି ଯେତିକି ହୃଦୟସ୍ପର୍ଶୀ ଥିଲା; 'ଦେବୀ', 'ଶରତର ସ୍ନିଗ୍ଧ ନିମନ୍ତ୍ରଣ' ଶୀର୍ଷକ କବିତା ଦୁଇଟି ବି ସେତିକି ମନୋରମ ଲାଗୁଥିଲା। 'ସିନେମା' ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା। ବିଶେଷକରି ଏଥିରେ ସ୍ଥାନିତ ରକୁଲ୍ ପ୍ରୀତ୍ ସିଂଙ୍କର ଫଟୋଟି ଅତି ଚମତ୍କାର ଲାଗୁଥିଲା।

*– ଶୁଭ୍ରପ୍ରକାଶ ସ୍ୱାଇଁ, ସୁନ୍ଦରଗଡ଼*

✲ ଶିକ୍ଷାବିତ୍ ତଥା ଲେଖିକା ସଂଘମିତ୍ରା ରାଏଗୁରୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଲାଗୁଥିଲା। 'ସ୍ୱପ୍ନରେ ଫୁଲ' ଶୀର୍ଷକ ଆଲେଖ୍ୟଟିର ଉପସ୍ଥାପନା ଶୈଳୀ ବି ଅତି ଚମତ୍କାର ଥିଲା। ମଡେଲ୍ ମିରର୍‌ରେ ଶର୍ମିଷ୍ଠା ଖୁବ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା।

*– ମନୀଷା ବେହେରା, ସୁବର୍ଣ୍ଣପୁର*

✲ ସହର ପୃଷ୍ଠାରୁ 'ମାଜୁଲି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରୁ ଜିଲାପିର ଇତିହାସ ତଥା ଅନ୍ୟାନ୍ୟ ରୋଚକ କଥା ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେସ୍ଥାନିତ 'ରୋବୋ ସିଇଓ', 'କାନରେ କେତେ ବଡ଼ କଣା', 'ନ୍ୟାପ୍ ବକ୍ସ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ଚମତ୍କାର ଥିଲା।

*– ଧୀରେନ୍ ସାହୁ, ଜଙ୍କିଆ, ଖୋର୍ଦ୍ଧା*

## ବିଶେଷ ଚିଠି



**ମ**ଞ୍ଚମାୟାର ଦୁନିଆକୁ ନେଇ
ଆସିଥିଲ ତୁମେ ଏଥର,
ସତରେ ଛୁଟିଦିନ ତୁମ
ପ୍ରଚ୍ଛଦଟି ଥିଲା ଖୁବ୍ ସୁନ୍ଦର।
ତା'ସାଙ୍ଗକୁ ପୁଣି ସାଥୀ, ସହର
ଲାଇଫ୍ ଷ୍ଟାଇଲ୍ ଓ ସିନେମା ପୃଷ୍ଠା
କରୁଥିଲା କିମିଆ ସମସ୍ତଙ୍କୁ
ଜଣାଉଥିଲା ସେ ଦେଶ ଦୁନିଆର
କେତେ ନୂଆ ନୂଆ କଥା।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ମୋ ଶତ ଶତ ପ୍ରଣାମ।

*– ରୂପାଲୀ ସ୍ୱାଇଁ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଘଣ୍ଟି



**ଘଣ୍ଟି ! ପବିତ୍ର ଏହାର ଧ୍ୱନି, ଯାହା ଶରୀରରେ ସକାରାତ୍ମକ ଉର୍ଜା ଭରିବା ସହ ପରିବେଶକୁ ଶୁଦ୍ଧ କରେ। ଭଗବାନ ବିଷ୍ଣୁଙ୍କର ଏହା ଖୁବ୍ ପ୍ରିୟ। ସେଇଥିପାଇଁ ତ ପ୍ରତିଟି ଶୁଭ କାର୍ଯ୍ୟ ଆରମ୍ଭ ହୁଏ ଏହାର ଧ୍ୱନି ସହ...**



‘‘ଆଗମାର୍ଥମ୍ ତୁ ଦେବାନାଂ ଗମନାର୍ଥାଂ ତୁ ରାକ୍ଷସାମ୍ ଘଣ୍ଟାରବଂ କରୋମ୍ୟାଦୌ ଦେବତାହ୍ୱାନଂ ଲାଞ୍ଛନଂ।।’’ ଅର୍ଥାତ୍ ଘଣ୍ଟି ବଜାଇ ଦେବତାଙ୍କ ଆହ୍ୱାନ କରିବାଦ୍ୱାରା ସକାରାତ୍ମକ ଶକ୍ତି ତଥା ଦେବତାଙ୍କର ଆଗମନ ହୁଏ ଓ ନକାରାତ୍ମକ ଶକ୍ତିର ହୁଏ ବିନାଶ। ସେଇଥିପାଇଁ ତ ଏହାର ଧ୍ୱନିକୁ ପବିତ୍ର ମନେକରାଯାଏ। ସାଧାରଣତଃ ମନ୍ଦିରର ଗର୍ଭଗୃହ ଓ ମନ୍ଦିର ପରିସରରେ ବଡ଼ ବଡ଼ ଘଣ୍ଟି ଝୁଲିଥାଏ, ଯାହାକୁ ଭକ୍ତମାନେ ମନ୍ଦିରରେ ପ୍ରବେଶ କରିବା ମାତ୍ରେ ବଜାଇଥାନ୍ତି। ଏହାବାଦ୍ ପୂଜା, ଆଳତି, ଝଞ୍ଜ, ଧୂପ ଲଗାଇବାବେଳେ, ପୁଷ୍ପ ପ୍ରଦାନ କଲାବେଳେ ଓ ଦେବୀଦେବତାଙ୍କୁ ସ୍ନାନ କରାଇବାବେଳେ, ପ୍ରସାଦ ଅର୍ପଣ କଲାବେଳେ ପୂଜକ ଘଣ୍ଟି ବଜାଇଥାନ୍ତି। ବିଶ୍ୱାସ କରାଯାଏ ଘଣ୍ଟି ବଜାଇଲେ ମନ୍ଦିରରେ ବିରାଜମାନ ଦେବୀଦେବତା ସଚେତନ ଅବସ୍ଥାକୁ ଆସନ୍ତି। ଆଉ ସମ୍ପୂର୍ଣ୍ଣ ସଚେତନ ତଥା ଜାଗ୍ରତ ଅବସ୍ଥାରେ ଥିବା ଦେବୀଦେବତାଙ୍କୁ ପୂଜା କଲେ ପୂଜା ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ହୁଏ। ତା’ସହ ଘଣ୍ଟି ବଜାଇବା ଅର୍ଥ ନିଜର ଉପସ୍ଥିତିକୁ ପ୍ରଭୁଙ୍କୁ ଜ୍ଞାତ କରାଇବା ବି ବୁଝାଏ। ଏହାର ଶବ୍ଦରେ ବାତାବରଣରେ ଶୁଦ୍ଧତା ଆସିଥାଏ ଓ ସମୃଦ୍ଧିର ଦ୍ୱାର ଖୋଲିଯାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ। ଘଣ୍ଟିକୁ ସୃଷ୍ଟି ସଂରଚନା ସମୟରେ ଗୁଞ୍ଜରିତ ହୋଇଥିବା ଶବ୍ଦର ପ୍ରତୀକ ବୋଲି ମଧ୍ୟ କୁହାଯାଏ। ସେଥିପାଇଁ ପ୍ରତି ଶୁଭ କାର୍ଯ୍ୟର ଆରମ୍ଭରେ ଘଣ୍ଟି ବଜାଯାଇଥାଏ। ଏ ସମ୍ପର୍କରେ **ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ସନ୍ନ୍ୟାସୀ ଜୀ** କୁହନ୍ତି, ‘ପୌରାଣିକ କଥାନୁସାରେ ବିଷ୍ଣୁଙ୍କର ବାହନ ହେଉଛନ୍ତି ଗରୁଡ଼। ଏହି ଦିବ୍ୟପକ୍ଷୀ ପକ୍ଷ ହଲାଇ ଯେତେବେଳେ ଆକାଶ ମାର୍ଗରେ ଯାଆନ୍ତି ସେଥିରୁ ବେଦ ଧ୍ୱନି ନିର୍ଗତ ହୁଏ। ଏହାକୁ ଶୁଣି ଭଗବାନ ବିଷ୍ଣୁ ବହୁତ ପ୍ରସନ୍ନ ହୁଅନ୍ତି। ଦିନେ ଭଗବାନ ବିଷ୍ଣୁଙ୍କର କିଛି ଭକ୍ତ କହିଥିଲେ ଆପଣ ତ ଗରୁଡ଼ଙ୍କ ପକ୍ଷରୁ ନିଃସୃତ ବେଦଧ୍ୱନି ଶୁଣି ପ୍ରସନ୍ନ ହୁଅନ୍ତି। ହେଲେ ଆମକୁ ତ ବେଦ ପାଠ କରି ଆସେନି। ଆମେ କିପରି ଆପଣଙ୍କୁ ପ୍ରସନ୍ନ କରିବୁ। ଏହାପରେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ଆଦେଶ ଦେଲେ- ‘ହେ ଗରୁଡ଼ ତୁମେ ଯାଅ ମନ୍ଦିରରେ ଘଣ୍ଟି ହୋଇ ରୁହ। ଏହାପରେ ଗରୁଡ଼ ଘଣ୍ଟି ଅବତାର ନେଇଥିଲେ। ସେଥିପାଇଁ ତ ଘଣ୍ଟିର ଟିନ୍ ଟିନ୍‌କୁ ବେଦଧ୍ୱନି ସହ ସମାନ ବୋଲି ବିବେଚନା କରାଯାଏ, ଯାହାକୁ ଶୁଣିଲେ ଭଗବାନ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଘଣ୍ଟି ବଜାଇବାର ବି କିଛି ନିୟମ ରହିଛି। ସେ ହେଉଛି ଘଣ୍ଟି ବଜାଇବା ପରେ ସଙ୍ଗେ ସଙ୍ଗେ ସେ ସ୍ଥାନ ତ୍ୟାଗ କରିବା ଉଚିତ ନୁହେଁ। ବରଂ ଘଣ୍ଟିର ଧ୍ୱନି ଶେଷ ହେବା ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହିବା ଉଚିତ। କାରଣ ଘଣ୍ଟିରୁ ନିର୍ଗତ ଧ୍ୱନିତରଙ୍ଗ ଆମର ସହସ୍ରାଣୁ ଚକ୍ର ପର୍ଯ୍ୟନ୍ତ ଯାଇଥାଏ। ସହସ୍ରାଣୁ ଚକ୍ରରେ ଭଗବାନ ବିଷ୍ଣୁ ବାସ କରନ୍ତି। ଯେତେବେଳେ ଘଣ୍ଟିର ଧ୍ୱନି ସେ ପର୍ଯ୍ୟନ୍ତ ପହଞ୍ଚେ ଭଗବାନ ପ୍ରସନ୍ନ ହୁଅନ୍ତି। ଆଉ ଭଗବାନ ଆମକୁ ଶୁଦ୍ଧ ସାତ୍ତ୍ୱିକ ମନ, ଉତ୍ତମ ବିବେକ, ପ୍ରଦାନ କରିଥାନ୍ତି। ଭଗବାନଙ୍କୁ ପ୍ରସାଦ ଅର୍ପଣ କରିବାବେଳେ ବି ଘଣ୍ଟି ବଜାଯାଏ କାରଣ ସେତେବେଳେ ଅନେକ କୁଆତ୍ମା ଉପସ୍ଥିତ ଥାଆନ୍ତି। ତାଙ୍କୁ ଦୂରେଇବା ପାଇଁ ଘଣ୍ଟି ବଜାଯାଇଥାଏ। ତା’ ସହ ଘଣ୍ଟିର ବେଦଧ୍ୱନି ଶୁଣି ଭଗବାନ ବି ପ୍ରସନ୍ନ ହୁଅନ୍ତି।

**ବିଜ୍ଞାନ ଓ ଘଣ୍ଟିର ଧ୍ୱନି:** ବିଜ୍ଞାନ କହେ, ଘଣ୍ଟି ବଜାଇବା ଦ୍ୱାରା ଯେଉଁ ଧ୍ୱନିତରଙ୍ଗ ଓ କମ୍ପନ ସୃଷ୍ଟି ହୁଏ ତାହା ଅନେକ ଦୂର ପର୍ଯ୍ୟନ୍ତ ବ୍ୟାପିଥାଏ। ଆଉ ତାହା ଏତେ ତୀବ୍ର ହୋଇଥାଏ ଯେ, ତା’ ରାସ୍ତାରେ ଆସୁଥିବା ଅନେକ କ୍ଷତିକାରକ କୀଟାଣୁ ଓ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଯଦ୍ଦ୍ୱାରା ସେହି ଅଞ୍ଚଳର ପରିବେଶ ଶୁଦ୍ଧ ହୋଇଯାଏ। ସେଥିପାଇଁ ଏମିତି କୁହାଯାଇପାରେ ଯେ, ଯେଉଁଠାରେ ନିୟମିତଭାବେ ଘଣ୍ଟି ବାଜିଥାଏ ସେଠାକାର ବାୟୁ ଶୁଦ୍ଧ ରହିଥାଏ। ସେଇଥିପାଇଁ ତ ମନ୍ଦିର ପରିବେଶ ଭିତରକୁ ପ୍ରବେଶ କରିବା ମାତ୍ରେ ମନକୁ ଅପୂର୍ବ ଶାନ୍ତି ମିଳେ। ଏହାଛଡା ଘଣ୍ଟିର ଧ୍ୱନି ମଣିଷର ବାମ ଓ ଡାହାଣ ପାର୍ଶ୍ୱ ମସ୍ତିଷ୍କ ମଧ୍ୟରେ ମେଳ ରଖେ। ଏହାଦ୍ୱାରା ଆତ୍ମବିଶ୍ୱାସ ବଢିବା ସହ ଅସୁବିଧା ସମୟରେ ମଣିଷ ସତର୍କ ରହେ। ଏହା ଆମର ଚିନ୍ତାଧାରାକୁ ଶୁଦ୍ଧ କରିବା ସହ ମସ୍ତିଷ୍କକୁ ଆରାମ ପ୍ରଦାନ କରେ। **ଶ୍ରୀ ସନ୍ନ୍ୟାସୀଜୀ** କୁହନ୍ତି, ‘କରୋନା ସମୟରେ ଶଙ୍ଖ ଫୁଙ୍କିବା ଓ ଘଣ୍ଟି ବଜାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ପଛର କାରଣ ହେଉଛି ଘଣ୍ଟି ଧ୍ୱନିରେ ଏତେ ସାମର୍ଥ୍ୟ ଓ ଶକ୍ତି ଥାଏ ଯେ ତାହା ଆଖପାଖରେ ଥିବା ଅନିଷ୍ଟ ବୀଜାଣୁକୁ ମାରିପାରେ ଅବା ଦୂରେଇପାରେ।



**ବିଭିନ୍ନ ଧର୍ମରେ ଘଣ୍ଟି:** ଖ୍ରୀଷ୍ଟଧର୍ମରେ ଘଣ୍ଟି କହିଲେ ଗିର୍ଜା ଘରର ଘଣ୍ଟି କଥା ମନକୁ ଆଗ ଆସେ। ଏହି ଘଣ୍ଟି ଭକ୍ତଙ୍କୁ ପ୍ରେୟାର ପାଇଁ ଚର୍ଚ୍ଚକୁ ଆସିବାର ସଙ୍କେତ ଦିଏ। ତା’ସହ ଦୈନନ୍ଦିନ ପ୍ରେୟାର କରିବାର ନିର୍ଦ୍ଦିଷ୍ଟ ସମୟକୁ ଅବଗତ କରାଏ। ତା’ଛଡା କିଛି ଖାସ୍ ଅବସର ଯେପରିକି ବିବାହ ଅବା ଅନ୍ତ୍ୟେଷ୍ଟି କ୍ରିୟା ବେଳେ ବି ଘଣ୍ଟିଯାଏ। ଆଉ ବଡ଼ଦିନ ପାଳନ ଅବସରରେ ବି ଘଣ୍ଟିର ମହତ୍ୱ ରହିଛି। ବୌଦ୍ଧ ମନ୍ଦିରରେ ବହୁତ ବଡ଼ ବଡ଼ ଘଣ୍ଟି ଲାଗିଥାଏ। ଯାହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଭିଥାଏ। ତେଣୁ ଘଣ୍ଟିକୁ ପ୍ରାର୍ଥନା ପାଇଁ ଡାକିବାର ଏକ ମାଧ୍ୟମଭାବେ ବ୍ୟବହାର କରାଯାଇଥାଏ। ଏହାବାଦ୍ ଘଣ୍ଟିର ଶବ୍ଦକୁ ବୁଦ୍ଧ ଦେବଙ୍କ ଧର୍ମ ଜ୍ଞାନ ପ୍ରଦାନ କରୁଥିବା ସ୍ୱର୍ଗୀୟ ସୁଜ୍ଞାନୀ କଣ୍ଠସ୍ୱରର ପ୍ରତୀକଭାବେ ମଧ୍ୟ ଗ୍ରହଣ କରାଯାଏ।

## ଶ୍ରୀଜଗନ୍ନାଥଙ୍କୁ ଫ୍ରାନ୍ସ ଓ ନେପାଳରୁ ଦାନସ୍ୱରୂପ ମିଳିଛି ଦୁଇଟି ବୃହତ୍ ଘଣ୍ଟି

ସନାତନ ଧର୍ମରେ ଘଣ୍ଟି ଓ ଘଣ୍ଟର ପ୍ରଚଳନ ଯୁଗେ ଯୁଗେ ରହିଆସିଛି। ଏହାର ଧ୍ୱନିକୁ ମଙ୍ଗଳମୟ ଭାବେ ବିବେଚନା କରାଯାଇଥାଏ। ଜଗନ୍ନାଥ ସଂସ୍କୃତି ଗବେଷକ **ଡ. ଭାସ୍କର ମିଶ୍ର** କୁହନ୍ତି, ‘ଘଣ୍ଟିରୁ ନିଃସୃତ ଶବ୍ଦରୁ ଯେଉଁ ଧ୍ୱନି ତରଙ୍ଗ ସୃଷ୍ଟି ହୁଏ ତାହା ପ୍ରାୟ ୭ ସେକେଣ୍ଡ ପର୍ଯ୍ୟନ୍ତ ବାୟୁମଣ୍ଡଳରେ କମ୍ପନ ସୃଷ୍ଟି କରେ, ଯାହା ଶରୀରର ୭ଟି କ୍ଷେତ୍ରରେ ଅନୁକୂଳ ପ୍ରଭାବ ପକାଇଥାଏ। ଶ୍ରୀଜଗନ୍ନାଥଙ୍କ ନୀତିରେ ବି ଘଣ୍ଟିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶ୍ରୀମନ୍ଦିରର ଦୈନନ୍ଦିନ ନୀତିରେ ଗୋପାଳ ବଲ୍ଲଭ ଭୋଗରୁ ଆରମ୍ଭ କରି ବଡ଼ସିଂହାର ଭୋଗ ଧୂପ ପୂଜା ପର୍ଯ୍ୟନ୍ତ ଘଣ୍ଟିର ବ୍ୟବହାର ହୋଇଥାଏ। ଘଣ୍ଟିକୁ ପୂଜାପଣ୍ଡା ସେବକମାନେ ସମସ୍ତ ପୂଜା ଉପଚାର ସମୟରେ ବଜାଇଥା’ନ୍ତି। ଘଣ୍ଟି ବଜାଇବାର ବିଧିବିଧାନ ପର୍ବପର୍ବାଣିରେ ମଧ୍ୟ ରହିଛି। ଦେଉଳ ପୁରୋହିତ ପୁଷ୍ପାଭିଷେକ ସମୟରେ ଷୋଡ଼ଶ ଉପଚାର କରିବାବେଳେ ଘଣ୍ଟି ବଜାଉଥିବାବେଳେ ପୂଜାପଣ୍ଡାମାନେ ପନ୍ତି ଭୋଗ ସମୟରେ ଘଣ୍ଟି ବଜାନ୍ତି। ଠାକୁରଙ୍କର ରଥରେ ଶୁଖିଲା ଭୋଗ ହେବାବେଳେ ବି ଘଣ୍ଟି ବଜାଯାଏ। ତେବେ ସବୁଠୁ ସ୍ୱତନ୍ତ୍ର ପରମ୍ପରା ହେଉଛି, ରଥ ଉପରେ ଅଧରପଣା ନୀତିବେଳେ ପଞ୍ଚୋପଚାର ପୂଜା ଶେଷରେ ପୂଜାପଣ୍ଡା ଘଣ୍ଟି ସାହାଯ୍ୟରେ ଅଧର ହାଣ୍ଡି ଭାଙ୍ଗିଥାନ୍ତି। ଆଉ ସେହି ପଣାକୁ ରଥସ୍ଥ ଦେବଦେବୀ, →













ଡ. ଭାସ୍କର ମିଶ୍ର



ଡ. ସୁରେନ୍ଦ୍ର ମିଶ୍ର



ଅଶରୀରୀମାନଙ୍କୁ ଉତ୍ସର୍ଗ କରାଯାଏ। ଏହା ବ୍ୟତୀତ ଆଉ ଦୁଇଟି ବୃହତକାୟ ଘଣ୍ଟି ଶ୍ରୀମନ୍ଦିରରେ ଅଛି। ଆଜକୁ ପ୍ରାୟ ୨୭୫ ବର୍ଷ ପୂର୍ବେ ଏକ ବୃହତକାୟ ଘଣ୍ଟି ଆକସ୍ମିକ ଭାବେ ଶ୍ରୀମନ୍ଦିରକୁ ଦାନ ସ୍ୱରୂପ ମିଳିଥିଲା। ଉକ୍ତ ଘଣ୍ଟିକୁ ଫରାସୀ କ୍ୟାପ୍ଟେନ୍ ଆଲବର୍ଟ ବିଟୋ ପଣ୍ଡିଚେରୀରେ ନିର୍ମିତ ଚର୍ଚ୍ଚ ପାଇଁ ଆଣୁଥିଲେ। କିନ୍ତୁ ବାଟରେ ଏକ ଅଲୌକିକ ଘଟଣା ଘଟିଥିଲା ଯେଉଁଥିରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରିବା ଦ୍ୱାରା ଜାହାଜରେ ଥିବା ସମସ୍ତ ଯାତ୍ରୀ ଝଡରୁ ବଞ୍ଚିଯାଇଥିଲେ। ତେଣୁ କ୍ୟାପ୍ଟେନ୍ ବିଟୋ ଶ୍ରୀଜଗନ୍ନାଥଙ୍କର ଭକ୍ତ ପାଲଟି ଯାଇ ମହାପ୍ରଭୁଙ୍କୁ ତାହା ଉପହାରସ୍ୱରୂପ ପ୍ରଦାନ କରିଥିଲେ। ଏବେ ଏହା ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱସ୍ଥ ନୀଳାଦ୍ରି ବିହାର ମ୍ୟୁଜିୟମରେ ସଂରକ୍ଷିତ ହୋଇ ଅଛି। ଆଉ ଏକ ବୃହତ୍ ଘଣ୍ଟି ୧୯୦୪ ମସିହାରେ ନେପାଳ ରାଜାଙ୍କ ସାମରିକ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ପ୍ରଦାନ କରିଥିଲେ। ଯାହାକୁ ଶ୍ରୀମନ୍ଦିରର ଘଣ୍ଟିଦ୍ୱାର ସାମ୍ନାରେ ଦୁଇଟି ବୃହତକାୟ ଦଣ୍ଡରେ ସ୍ଥାପନ କରାଯାଇଛି।

ଏହି ଦୁଇ ବୃହତ୍ତକାୟ ଘଣ୍ଟି ସମ୍ପର୍କରେ ଐତିହ୍ୟ ବିଶାରଦ **ଡ. ସୁରେନ୍ଦ୍ର ମିଶ୍ର** ମଧ୍ୟ ସମାନ କଥା କୁହନ୍ତି, 'ଭାରତ ପରାଧୀନ ଥିବା ସମୟର କଥା। ପଣ୍ଡିଚେରୀରେ ନିର୍ମାଣ ହେଉଥିଲା ଭାରତର ବୃହତ୍ତମ ଗିର୍ଜା। ସେଠାରେ ଏକ ବଡ଼ ଘଣ୍ଟି ଲଗାଇବା ପାଇଁ ଫ୍ରାନ୍ସରେ ବରାଦ ଦିଆଯାଇଥିଲା। କ୍ୟାପଟେନ୍ ବିଟୋ ଏହି ଘଣ୍ଟିକୁ ଫ୍ରାନ୍ସରୁ ଜାହାଜରେ ଭାରତକୁ ଆଣୁଥିଲେ। ପଣ୍ଡିଚେରୀ ଆସିବାବେଳେ ସେମାନେ ଦେଖିଲେ ଏକ ଭୟଙ୍କର ସାମୁଦ୍ରିକ ଝଡ ତାଙ୍କ ଆଡକୁ ମାଡି ଆସୁଥିଲା। ତା'ସହ ଏକ ବିରାଟକାୟ ସାମୁଦ୍ରିକ ଜୀବ ବି ଜାହାଜ ଆଡକୁ ଆସୁଥିଲା। ଫଳରେ ସମସ୍ତଙ୍କ ମନରେ ସୁନିଶ୍ଚିତ ମୃତ୍ୟୁର ଭୟ ସୃଷ୍ଟି ହୋଇଥିଲା। ଆଉ ସମୁଦ୍ରରେ ଲୀନ ହୋଇଯିବା ଭୟରେ ନିଜ ନିଜ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ହେଲେ କିଛି ଫଳ ମିଳି ନ ଥିଲା। ଝଡ଼ସହ ସାମୁଦ୍ରିକ ଜୀବଟି ଜାହାଜର ନିକଟତର ହେବାକୁ ଲାଗିଥିଲା। ଏମିତିରେ ସେ ଦେଖିଲେ ଜଣେ ଭାରତୀୟ ଏକ ଫଟୋକୁ ପୂଜା କରୁଛନ୍ତି। ସେ ଯାଇ ପଚାରିଲେ କ'ଣ କରୁଛ? ଭାରତୀୟ ଯୁବକ କହିଲେ ମୁଁ ମୋ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜା କରୁଛି। ତାଙ୍କର କୃପା ଲାଭ ହେଲେ ଆମେ ନିଶ୍ଚୟ ଏଇ ବିପତ୍ତିରୁ ଉଦ୍ଧାର ହୋଇପାରିବା। ଏହାଶୁଣି କ୍ୟାପ୍ଟେନ୍ ଚିନ୍ତା କଲେ ଆମ ପ୍ରାର୍ଥନା ତ ବିଫଳ ହୋଇସାରିଛି। ଏଇ ଠାକୁରଙ୍କୁ ବି ପୂଜି ଦେଖିବା। ଆଉ ଆଣ୍ଠୁମାଡି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ, ହେ ପ୍ରଭୁ ଆମମାନଙ୍କୁ ରକ୍ଷା କରନ୍ତୁ। କିଛି ସମୟ ପରେ ଦେଖିବାକୁ ମିଳିଲା ଝଡ଼ର ତୀବ୍ରତା କମି ଯାଇଛି ଓ ସାମୁଦ୍ରିକ ଜୀବଟି ତା'ର ଗତିପଥ ବଦଳାଇ ଦେଇଛି। ଏଭଳି ଚମତ୍କାର ଦେଖି କ୍ୟାପ୍ଟେନ୍ ହତବାକ୍ ହୋଇଯାଇଥିଲେ। ଆଉ ସେ ଭାରତୀୟଙ୍କୁ କୁଣ୍ଢେଇ କହିଲେ, ଆପଣ ଓ ଆପଣଙ୍କ ପ୍ରଭୁ ଆମ ସମସ୍ତଙ୍କୁ ବଞ୍ଚାଇ ଦେଇଛନ୍ତି। ଏତେ ବଡ଼ ଉପକାର ପ୍ରତିବଦଳରେ ମୁଁ କ'ଣ ବା ଦେଇପାରିବି। ତେବେ ଯେଉଁ ଘଣ୍ଟିଟି ଗିର୍ଜା ପାଇଁ ନେଉଥିଲି ତାକୁ ତୁମର ପ୍ରଭୁଙ୍କୁ ଉପହାରସ୍ୱରୂପ ପ୍ରଦାନ କରିବି। ଆଉ ସେୟା ହେଲା। ଜାହାଜ ପୁରୀରେ ପହଞ୍ଚିବା ପରେ କ୍ୟାପ୍ଟେନ୍ ଘଣ୍ଟିଟିକୁ ଜାହାଜରୁ ଓହ୍ଲାଇଥିଲେ। ଆଉ ତା'ଉପରେ ଡଚ୍ ଭାଷାରେ ଦାନପତ୍ର ଲେଖାଇ କିଛି ଅର୍ଥ ସହ ଶ୍ରୀଜଗନ୍ନାଥଙ୍କୁ ଦାନ କଲେ। ଏଇ ଘଟଣା ସେତେବେଳେ ବଡ଼ ଆଲୋଡନ ସୃଷ୍ଟି କରିଥିଲା। ପାଦ୍ରିମାନେ ଫ୍ରାନ୍ସ ସରକାରଙ୍କ ଉପରେ ଚାପ ପକାଇଥିଲେ ଘଣ୍ଟିଟିକୁ ଫେରାଇ ଆଣିବା ପାଇଁ। ଫ୍ରାନ୍ସ ସରକାର ତତ୍କାଳୀନ ଭାରତରେ ଶାସନ କରୁଥିବା ବ୍ରିଟିଶ ସରକାରଙ୍କୁ ଘଣ୍ଟି ଫେରସ୍ତ ପାଇଁ ଚିଠି ଲେଖିଥିଲେ। କିନ୍ତୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଶ୍ରୀଜଗନ୍ନାଥଙ୍କୁ ଦିଆଯାଇଥିବା ଦାନ ଫେରସ୍ତ କରାଯାଏ ନାହିଁ ବୋଲି ମନା କରିଦେଇଥିଲେ। ଭାରତ ସ୍ୱାଧୀନତା ପାଇବା ପରେ ବି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ପାଖରେ ଏହି ଦାବି ରାଷ୍ଟ୍ରଦୂତଙ୍କ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ନେହେରୁ ମଧ୍ୟ ଘଣ୍ଟି ଫେରାଇବା ପାଇଁ ଏକ ଅନୁରୋଧ ପତ୍ର ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ ଲେଖିଥିଲେ। ହେଲେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ପୁଣିଥରେ ସେଇ କଥା କହି ଘଣ୍ଟି ଫେରାଇବାକୁ ମନା କରିଥିଲେ। ଉକ୍ତ ଘଣ୍ଟିକୁ ଶ୍ରୀମନ୍ଦିର ଜଗନମୋହନର ଉତ୍ତରପାର୍ଶ୍ୱ ବାହାରେ ରଖାଯାଇଥିଲା। ପୂଜା ସମୟରେ ଘଣ୍ଟିକୁ ବଜା ବି ଯାଉଥିଲା। ମାତ୍ର ଖରାବର୍ଷା ଖାଇ ଏଥିରେ ଫାଟ ସୃଷ୍ଟି ହେବାରୁ ଏହାକୁ ବଜା ଗଲାନି। ପରେ ନେପାଳରୁ ବି ଏକ ଘଣ୍ଟି ମହାପ୍ରଭୁଙ୍କ ପାଇଁ ଆସିଥିଲା। ତେଣୁ ଫ୍ରାନ୍ସରୁ ଆସିଥିବା ଘଣ୍ଟିକୁ ସେଠାରୁ ଅପସାରଣ କରାଯାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରପଟେ ଥିବା ନୀଳାଦ୍ରିବିହାର ସଂଗ୍ରହାଳୟ ପରିସରରେ ରଖାଗଲା। ଆଉ ନେପାଳରୁ ଆସିଥିବା ଘଣ୍ଟିକୁ ଜଗମୋହନ ଉତ୍ତରପାର୍ଶ୍ୱରେ ଓହଳା ଗଲା। ଯାହା ଏବେବି ଶୋଭା ପାଉଛି।

## ଘଣ୍ଟି ପ୍ରିୟ ମା' ଘଣ୍ଟେଶ୍ୱରୀ

ସମ୍ବଲପୁରରେ ଅନେକ ଶକ୍ତିପୀଠ ରହିଛି । ସେଥିମଧ୍ୟରୁ ଚିପିଲିମା ସ୍ଥିତ ଘଣ୍ଟେଶ୍ୱରୀ ପୀଠ ଅନ୍ୟତମ। ଏଠାରେ ଅଧିଷ୍ଠାତ୍ରୀ ଦେବୀ ମା' ଘଣ୍ଟି ପ୍ରିୟ ହୋଇଥିବାରୁ ଏହା ଘଣ୍ଟେଶ୍ୱରୀ ପୀଠ ନାମରେ ନାମିତ ହୋଇଛି। ମନ୍ଦିରରେ ପ୍ରବେଶ କରୁ କରୁ ହିଁ ମାଳମାଳ ଘଣ୍ଟି ଝୁଲୁଥିବାର ଦେଖିବାକୁ ମିଳେ। ଏଇ ଘଣ୍ଟି ସବୁକୁ ପୂଜା ସମୟରେ ଶ୍ରଦ୍ଧାଳୁମାନେ ମାନସିକ ରଖି ବାନ୍ଧିଥାନ୍ତି। ମନସ୍କାମନା ପୂର୍ଣ୍ଣ ହେଲେ ମଧ ମା'ଙ୍କ ପାଖରେ ଘଣ୍ଟି ଅର୍ପଣ କରି ବନ୍ଧାଯାଏ। ମନ୍ଦିର ମୁଖଶାଳାରୁ ମନ୍ଦିର ଚତୁଃପାର୍ଶ୍ୱ, ଏପରିକି ଗଛଲତାଗୁଡ଼ିକରେ ବି ଲକ୍ଷାଧିକ ଛୋଟବଡ଼ ଘଣ୍ଟି ଲାଲ କପଡାରେ ବନ୍ଧାଯାଇ ଝୁଲି ରହିଥିବା ଦେଖିବାକୁ ମିଳେ। ଆଉ ମନ୍ଦିର ପରିବେଶ ଘଣ୍ଟିମୟ ଲାଗେ। ମହାନଦୀ ତଟରେ ରହିଥିବା ଏହି ମନ୍ଦିର ସମ୍ପର୍କରେ ଅନେକ ଲୋକକଥା ରହିଛି। ସେଥିମଧ୍ୟରୁ ଗୋଟିଏ ହେଉଛି, ପ୍ରାୟ ୧୮୦୦ ମସିହାରେ ଝରା ସମ୍ପ୍ରଦାୟର ପରିବାର ଏଠାକାର ଲମ୍ବେଇଡୁଙ୍ଗୁରୀ ପାହାଡ଼ ପାଦଦେଶରେ ରହୁଥିଲେ। ସେମାନଙ୍କ ମୁଖ୍ୟ ଜୀବିକା ଥିଲା ମହାନଦୀରୁ ବିଭିନ୍ନ ମୂଲ୍ୟବାନ ରତ୍ନପଥର ସଂଗ୍ରହ କରିବା। ଏହି ସମୟରେ ନଦୀରୁ ଏକ ଲାଲ ରଙ୍ଗର ମାଟି ଭଳି ସାମଗ୍ରୀ ସେମାନେ ପାଇଥିଲେ। ଆଉ ତାକୁ ମହାନଦୀ ତଟରେ ଥିବା ଏକ ବୃକ୍ଷ ତଳେ ରଖି ଦେଇଥିଲେ। ପରବର୍ତ୍ତୀ ସମୟରେ ସେହି ପରିବାରର ମୁଖ୍ୟ ବ୍ୟକ୍ତିଙ୍କୁ ମା' ସ୍ୱପ୍ନାଦେଶ ହେଲେ ଯେ, ମୁଁ ଘଣ୍ଟେଶ୍ୱରୀ ରୂପରେ ଉଭା ହୋଇଛି। ଆଉ ଏଇଠାରେ ମୋତେ ପୂଜା କରାଯାଉ। ସେହିଦିନଠାରୁ ମା'ଙ୍କୁ ଘଣ୍ଟେଶ୍ୱରୀ ରୂପରେ ପୂଜା କରାଯାଉଛି। କୁହାଯାଏ ଏହାର କିଛି ବର୍ଷ ପରେ ପୁଣି ଝରା ପରିବାରର ମୁଖ୍ୟଙ୍କୁ ଉକ୍ତ ସ୍ଥାନ ଛାଡ଼ିଯିବାକୁ ବି ସ୍ୱପ୍ନାଦେଶ ହୋଇଥିଲା। ଫଳରେ ସେମାନେ ଏହି ସ୍ଥାନଛାଡ଼ି ଅନ୍ୟ ରାଜ୍ୟକୁ ଚାଲିଯାଇଥିଲେ। ସେମିତି ଆଉ ଏକ ଲୋକକଥା ଶୁଣିବାକୁ ମିଳେ ଯେ, ମହାନଦୀରେ ବଣିଜ କରିବା ପାଇଁ ଯେତେବେଳେ ବଣିକମାନେ ଡଙ୍ଗାରେ ଏହି ରାସ୍ତାଦେଇ ଯାଉଥିଲେ ଘଣ୍ଟି ବାଜିବାର ଶବ୍ଦ ଶୁଣାଯାଉଥାଏ। ବାରମ୍ବାର ଏଭଳି ହେବାରୁ ସେମାନେ ଥରେ ଅଟକି ଯାଇ ମା' ଘଣ୍ଟେଶ୍ୱରୀଙ୍କ ଆବିର୍ଭାବ ହୋଇଥିବା ଦେଖିଥିଲେ। ଆଉ ସେବେଠାରୁ ମା' ପୂଜା ପାଉଥିବା ଜନଶ୍ରୁତି ରହିଛି। ତେବେ ଘଣ୍ଟିରେଭରା ଏହି ମନ୍ଦିରରେ ଆଗାମୀ ଦିନରେ ୧୫୦ କେଜି

# ବଢୁଛି ମାଟି ଦୀପର ଚାହିଦା



**ଦୀ**ପାବଳି ଅର୍ଥାତ୍ ଦୀପ, କ୍ୟାଣ୍ଡେଲ, ବାଣ, ସାଜସଜ୍ଜା, ମିଠା ଓ ଡେକୋରେଟିଭ ଲାଇଟ୍ କଥା ମନକୁ ଆସେ। ସମସ୍ତେ ନିଜ ଘରକୁ ବିଭିନ୍ନ ଜିନିଷରେ ସଜଉଥିବା ବେଳେ ଦୀପର କିନ୍ତୁ ଥାଏ ଏକ ମୁଖ୍ୟ ଭୂମିକା। ଯାହା ବିଭିନ୍ନ ପ୍ରକାର ଆଧୁନିକ ସାଜସଜ୍ଜା ଭିତରେ ବି ଅପରିବର୍ତ୍ତିତ ରହିଛି। କେବଳ ଗାଁଗହଳି ନୁହେଁ, ସହର ବଜାରର ଲୋକମାନେ ମଧ ମାଟି ଦୀପ ଜାଳିବା ସହ ମାଟିର ବିଭିନ୍ନ ସୁନ୍ଦର ସାମଗ୍ରୀ ନେଇ ଦୀପାବଳିରେ ଘର ସଜାଇବାକୁ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱରକୁ ବିଭିନ୍ନ ଅଞ୍ଚଳରୁ ମାଟି କାରିଗରମାନେ ସେମାନଙ୍କ ପସରା ନେଇ ଆସୁଛନ୍ତି।



ମାଟିର ଟେରାକୋଟା ସାମଗ୍ରୀ ଓ ଦୀପ ପାଇଁ କେନ୍ଦୁଝର ଜିଲା ହଳଧରପୁର ଗାଁର ପରିଚୟ ରହିଛି। ସେହି ଗାଁର କାରିଗରମାନେ ମାଟିରେ ବିଭିନ୍ନ ଦୀପ ଓ କଳାକୃତି ତିଆରିକରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଏଇ ଗାଁର ଗୁନୁ ସାହୁ କୁହନ୍ତି, ଘରେ ବାପାଙ୍କଠାରୁ ମାଟିରେ ବିଭିନ୍ନ ଦୀପତିଆରି କରିବା ଶିଖିଥିଲି। ପରେ ରାଜ୍ୟ ସରକାରଙ୍କ ଓରମାସ ଜରିଆରେ ଭୁବନେଶ୍ୱରରୁ ଟ୍ରେନିଂ ନେଲି। ଆଜକୁ ପ୍ରାୟ ୧୨ବର୍ଷ ହେଲା ମାଟିରେ ବିଭିନ୍ନପ୍ରକାର ଦୀପ ତିଆରି କରିଆସୁଛି। ଏଥିପାଇଁ ଆମ ଅଞ୍ଚଳର କୁକୁରକଟା ନଦୀ ନିକଟରୁ ମାଟିକୁ ସଂଗ୍ରହକରି ଆଣିଥାଉ। ପ୍ରଥମେ କଞ୍ଚାମାଟିକୁ ଚକଟି ବିଭିନ୍ନ ଆକୃତିର ଦୀପ ତିଆରି କରିଥାଏ। ଏହାପରେ ଅଳ୍ପ ଖରାରେ ସେହି ଦୀପଗୁଡ଼ିକୁ ଶୁଖାଯାଇଥାଏ। ତା' ପରେ ତାକୁ ମସୃଣ କରାଯାଇ କୁମ୍ଭାରଶାଳରେ ପୋଡ଼ାଯାଇଥାଏ। ପରେ ସେଥିରେ ବିଭିନ୍ନ ରଙ୍ଗ ଦେଇଥାଉ। ତା'ପରେ ବିକ୍ରି ଉଦ୍ଦେଶ୍ୟରେ ବିଭିନ୍ନ ଅଞ୍ଚଳରେ ଆୟୋଜିତ ମେଳାକୁ ନେଇଥାଉ। ଏମିତିରେ ୨ଟଙ୍କାଠାରୁ ଆରମ୍ଭକରି ଶହେଟଙ୍କା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଦୀପକୁ ବିକ୍ରିକରାଯାଇଥାଏ। ଏ ସମ୍ପର୍କରେ ସୋନପୁର କୁଇବାହାଲ ଗାଁର ଭୁବନେଶ୍ୱର ରଣା କୁହନ୍ତି, ୧୯୯୭ମସିହାରୁ ବିଭିନ୍ନ ପ୍ରକାର ମାଟିର ଦୀପ ତିଆରି କରିଆସୁଛି। ବିଶେଷକରି ଦୀପାବଳି ଉପଲକ୍ଷେ ଦୀପ ବେପାର ଭଲ ହୋଇଥାଏ। ଭୁବନେଶ୍ୱରରେ ଆୟୋଜିତ ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀରେ ହାତତିଆରି ଦୀପଗୁଡ଼ିକୁ ବିକ୍ରିକରିଥାଉ। ସେହିପରି କଳାହାଣ୍ଡି ଜିଲାର କଲମପୁର ବ୍ଲକ ଅନ୍ତର୍ଗତ ଧନପୁର ଗାଁର ପ୍ରହଲାଦ ରଣା କୁହନ୍ତି, କେବଳ ଦୀପାବଳି ଉପଲକ୍ଷେ ଦୀପ ତିଆରି କରିଥାଏ। ବିଭିନ୍ନ ପ୍ରକାରର ଦୀପ ମଧ୍ୟରେ ଏକମୁଖୀ, ତିନିମୁଖୀ, ଚତୁର୍ମୁଖୀ ଓ ପଞ୍ଚମୁଖୀ ଦୀପଗୁଡ଼ିକର ମୂଲ୍ୟ ଭିନ୍ନଭିନ୍ନ ରହିଛି। ପ୍ରତିବର୍ଷ ଦୀପାବଳିରେ ପ୍ରାୟ ୫୦/୬୦ହଜାର ଟଙ୍କାର ଦୀପ ବିକ୍ରି ହୋଇଥାଏ। ମାତ୍ର ଗତବର୍ଷ କରୋନା କଟକଣା ସମୟରେ ଆମ ଗାଁ ଅଞ୍ଚଳରେ କେବଳ ଅଳ୍ପ ପରିମାଣର ବିକ୍ରି ହୋଇଥିଲା। ମାଟିଦୀପ ସହ ଏବେ ଗୋବର ଦୀପର ବ୍ୟବହାର ବି ଦେଖିବାକୁ ମିଳୁଛି। ଗୋବରରେ ତିଆରି ଜୈବିକ ଦୀପ, ଫୁଲକୁଣ୍ଡ, ଡଙ୍ଗା ଏବଂ ହୋମ ପାଇଁ ଜାଳେଣି ମିଳୁଛି। ବିଭିନ୍ନ ହସ୍ତକଳା ପ୍ରଦର୍ଶନରେ ଏହି ଜୈବିକ ସାମଗ୍ରୀକୁ ବିକ୍ରିକରିଥାନ୍ତି ସୁନ୍ଦରଗଡ଼ ଜିଲା ଟାଙ୍ଗିରାପଲୀ ବ୍ଲକ ଅନ୍ତର୍ଗତ ଯୋଗୀମାଳ ଗାଁର ତାରାକାନ୍ତି ପଟେଲ୍। ବୟସ ପ୍ରାୟ ୫୫ ହେବ। ସେ କୁହନ୍ତି ଆଜିକାଲି ବିଭିନ୍ନ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଯେଉଁ ଶସ୍ୟ ଉତ୍ପନ୍ନ ହେଉଛି ତାକୁ ଖାଇ ଲୋକେ ନାନାପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ବିଭିନ୍ନ କୃତ୍ରିମ ସାମଗ୍ରୀକୁ ବ୍ୟବହାର ଯୋଗୁ ଏହା ପରିବେଶର ଉପରେ ବହୁ ଖରାପ ପ୍ରଭାବ ପକାଉଛି। ଯାହାକୁ ଦୃଷ୍ଟିରେ ରଖି ଏବେ ୨/୩ବର୍ଷଧରି ଦୀପାବଳି ଉପଲକ୍ଷେ ଜୈବିକ ତଥା ପ୍ରାକୃତିକ ଉପାୟରେ କେବଳ ଦେଶୀ ଗାଈର ଗୋବରରେ ନାନାପ୍ରକାରର ଦୀପ ତିଆରି କରୁଛି। ଯାହାକୁ ସମସ୍ତେ ବେଶ୍ ଆଗ୍ରହର ସହ କିଣୁଛନ୍ତି। ଏହା ସହ ମୁଁ ଆମ ରାଜ୍ୟ ସମେତ ଗୁଜରାଟ, ମଧ୍ୟପ୍ରଦେଶ, ନାଗପୁର ଆଦି ରାଜ୍ୟର କେତେକ ମହିଳାସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗୋବର ତିଆରି ଦୀପ ଓ ଫୁଲକୁଣ୍ଡ ତିଆରି ସମ୍ପର୍କରେ ଟ୍ରେନିଂ ଦେବାକୁ ଯାଇଥାଏ। ତେବେ ଚଳିତବର୍ଷ ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନକୁ ଆଣିଥିବା ଗୋବର ଦୀପର ଭଲଚାହିଦା ରହିଛି। ଗୋଟିଏ ଦୀପର ମୂଲ୍ୟ ୧ଟଙ୍କାରୁ ଆରମ୍ଭକରି ୧୦ଟଙ୍କା ମଧ୍ୟରେ ରହିଛି। ତେବେ ୨ଟଙ୍କିଆ ଗୋବର ଦୀପ ବହୁଳ ପରିମାଣରେ ବିକ୍ରି ହେଉଛି। ଯଦି ଏହି କଳାକୃତୀ ପ୍ରତି ଲୋକଙ୍କର ଆଗ୍ରହ ରୁହେ ତାହେଲେ ଏହା ଅନେକ କାରିଗରଙ୍କୁ ବେଶ୍ ଭଲ ରୋଜଗାର ଦେଇପାରିବ।





## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

### ଘଣ୍ଟି...

ଓଜନର ଏକ ଘଣ୍ଟି ଲଗାଇବାକୁ ଯୋଜନା କରାଯାଉଛି। ଘଣ୍ଟେଶ୍ୱରୀ ମନ୍ଦିର ଏବେ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବେଶ୍ ପରିଚିତ ହୋଇପାରିଛି। ବର୍ଷ ତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

**ଘଣ୍ଟାରେ ଘଣ୍ଟି:** ଘଣ୍ଟାରେ ବି ଘଣ୍ଟିର ବ୍ୟବହାର ହୋଇଥାଏ, ଯାହା ପ୍ରତି ଘଣ୍ଟା ଅତିକ୍ରାନ୍ତରେ ବାଜି ସମୟ ଜଣାଇଥାଏ। ବହୁ ସ୍ଥାନରେ କ୍ଲକ ଟାୱାର ବି ଅଛି, ଯାହାର ଘଣ୍ଟିର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଭିଥାଏ। ବିଗ୍ ବେନ୍ ହେଉଛି ବହୁ ପ୍ରସିଦ୍ଧ କ୍ଲକ ଟାୱାର, ଯାହା ପାଲେସ୍ ଅଫ୍ ୱେଷ୍ଟମିନ୍ଷ୍ଟରରେ ଥିବା ଏଲିଜାବେଥ୍ ଟାୱାରରେ ଅଛି।

**ସଙ୍କେତ ପାଇଁ ଘଣ୍ଟି:** ସେ ସ୍କୁଲ ଛୁଟି ପାଇଁ ଘଣ୍ଟି ହେଉକି ଶୂନପାମ୍ପଡବାଲା ଆସିବାର ଘଣ୍ଟି। ସାଙ୍କେତିକଭାବେ ବି ଘଣ୍ଟିକୁ ବ୍ୟବହାର କରାଯାଏ।

**ପୃଥିବୀର ସବୁଠାରୁ ବଡ଼ ଘଣ୍ଟି:** ଆଜି ପର୍ଯ୍ୟନ୍ତ ପୃଥିବୀରେ ଥିବା ସବୁଠାରୁ ବଡ ଓ ଭାରି ଘଣ୍ଟି ହେଉଛି ରୁଷିଆରେ ଥିବା ୨୧୬ ଟନ୍ ଓଜନ ବିଶିଷ୍ଟ 'ଜାର ବେଲ୍', ଯାହା 'ଜାର୍ କୋଲୋକୋଲ ୩' ନାମରେ ବି ପରିଚିତ। ଏହାକୁ ଇଭାନ ଫେଓଡୋରୋବିଚ ମୋଟରିନ୍ ୧୭୩୫ ମସିହାରେ ତିଆରି କରିଥିଲେ। ଏହାର ନିର୍ମାଣର କିଛି ସମୟ ପରେ ଏକ ଅଗ୍ନିକାଣ୍ଡ ଘଟି ଘଣ୍ଟିଟି କ୍ଷତିଗ୍ରସ୍ତ ହୋଇଗଲା। ଯଦ୍ଦ୍ୱାରା ଏହା କୌଣସି କାମରେ ଲାଗିପାରିଲା ନାହିଁ। ଏବେ ଏହା ମସ୍କୋ ସହରର କ୍ରେମଲିନ ପରିସରରେ ରଖାଯାଇଛି। ଯାହାକି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଯାଇଛି।

ତେବେ 'ଗ୍ରେଟ ବେଲ୍ ଅଫ୍ ଧମ୍ମଜେଡି'କୁ ଇତିହାସର ସବୁଠାରୁ ବଡ଼ ଘଣ୍ଟିଭାବେ ଗଣନା କରାଯାଏ। ଏହାର ନିର୍ମାଣ ୧୪୮୪ରେ ମ୍ୟାନମାରରେ ହନ୍ଥାୱାଡି ସାମ୍ରାଜ୍ୟର ରାଜା ଧମ୍ମଜେଡିଙ୍କ ଆଦେଶକ୍ରମେ କରାଯାଇଥିଲା। କୁହାଯାଏ ଧମ୍ମଜେଡି ନିଜ ସାମ୍ରାଜ୍ୟରେ ଜନଗଣନା କରିବା ପାଇଁ ନିଜ କର୍ମଚାରୀଙ୍କୁ ଆଦେଶ ଦେଇଥିଲେ। ହେଲେ କର୍ମଚାରୀମାନେ ଦୁର୍ନୀତି କରି ଲୋକଙ୍କଠାରୁ ମୁଦ୍ରା ଆଣିଥିଲେ। ରାଜା ଧମ୍ମଜେଡି ଯେତେବେଳେ ଏହା ଜାଣିଲେ ଖୁବ୍ ରାଗିଯାଇଥିଲେ। ଆଉ ନିଜ ପରାମର୍ଶଦାତାଙ୍କ କଥାନୁସାରେ ସେଇ ମୁଦ୍ରାରେ ଏକ ବଡ଼ ଘଣ୍ଟି କରିବାକୁ ନିଷ୍ପତ୍ତି ନେଲେ। ଶେଷରେ ଏହି ବିରାଟକାୟ ଘଣ୍ଟି ତିଆରି ହେଲା। ୩୨୭ ଟନ୍ ଓଜନର ଏହି ଘଣ୍ଟିକୁ ସେ ଶ୍ୱେଦାଗୋନ ପାଗୋଡା ବୌଦ୍ଧ ମନ୍ଦିରକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ପର୍ତ୍ତୁଗୀଜ ମ୍ୟାନମାରକୁ ପରାସ୍ତ କଲା, ଏହି ଘଣ୍ଟିଟିକୁ ନେଇଯିବାକୁ ଚାହିଁଥିଲା। ଆଉ ବାଗୋ ନଦୀ ଦେଇ ଜାହାଜରେ ଘଣ୍ଟିକୁ ନେଲାବେଳେ ଜାହାଜ ଘଣ୍ଟିର ଓଜନ ସମ୍ଭାଳି ନ ପାରି ବୁଡିଯାଇଥିଲା। ତା'ସହ ଘଣ୍ଟି ବି ବୁଡିଗଲା। ଏବେ ବି ଘଣ୍ଟିଟି ନଦୀ ଗର୍ଭରେ ଅଛି।



ଘଣ୍ଟେଶ୍ୱରୀ ମନ୍ଦିର



ପୃଥିବୀର ବୃହତ୍ତମ ଘଣ୍ଟି

ବିଭିନ୍ନ ଧର୍ମ ସହ ଜଡିତ ଏଇ ଘଣ୍ଟିର ମହତ୍ତ୍ୱ ସବୁବେଳେ ରହିଥିବ। କାରଣ କେବଳ ଆଧ୍ୟାତ୍ମିକ ଚିନ୍ତନରେ ନୁହେଁ ସ୍ୱାସ୍ଥ୍ୟ, ସମାଜ ଓ ପରିବେଶ ପାଇଁ ଏହାର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବିଜ୍ଞାନ ବି ସ୍ୱୀକାର କରେ।

**– ଶିବାନୀ ମହାନ୍ତି**

ଶୁଭାଶିଷ ପାଢି, ସମ୍ବଲପୁର ତଥ୍ୟ

# ଜୀଇଁ ଥିବାଯାଏ ଗାଉଥିବି



**ଯେବେ କିଏ ଲକ୍ଷ୍ମୀପୁରାଣ କି ସାବିତ୍ରୀ ବ୍ରତ କିମ୍ବା ରାଧାକୃଷ୍ଣ ବ୍ରତ ଆଦି ବହି ପଢ଼ିବାକୁ ଡାକୁଥିଲେ ସେ ଖୁସୀ ହୋଇପଡୁଥିଲେ । ସ୍କୁଲ ବୟସରୁ ସଂଗୀତ ଶିଖିବାର ନିଶା ଆଜି ତାଙ୍କୁ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀର ମାନ୍ୟତା ଦେଇଛି ..**



ପିଲାଟି ଦିନରୁ ସେ ଗୀତ ବୋଲିବାକୁ ଖୁବ୍ ଭଲ ପାଉଥିଲେ। ଯେବେ କିଏ ଲକ୍ଷ୍ମୀପୁରାଣ କି ସାବିତ୍ରୀ ବ୍ରତ କିମ୍ବା ରାଧାକୃଷ୍ଣ ବ୍ରତ ଆଦି ବହି ପଢ଼ିବାକୁ ଡାକୁଥିଲେ ସେ ଖୁସୀ ହୋଇପଡୁଥିଲେ । ସ୍କୁଲ ବୟସରୁ ସଂଗୀତ ଶିଖିବାର ନିଶା ଆଜି ତାଙ୍କୁ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀର ମାନ୍ୟତା ଦେଇଛି । ତାଙ୍କରି ସୁମଧୁର କଣ୍ଠ ସ୍ୱରରେ – ବଉଳା ଗାଈର ଚାନ୍ଦ ବାଛୁରି, ହାଏରେ ହାଏ ମୋ କହ୍ନେଇ ରାଜା.., ପ୍ରଭାତୁ ଉଠିବୁ ଆଲୋ ସଜୋନୀ ମୋର ଏବଂ କଳା ଯାଦୁଗର ଆଦି ଏମିତି ଏକାଧିକ ଲୋକପ୍ରିୟ ଭଜନର କଣ୍ଠସ୍ୱର ଓଡ଼ିଶାର ଘରେ ଘରେ ସୁପରିଚିତ ହୋଇପାରିଛି। ସେ ହେଲେ ଓଡ଼ିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ **ମାନସୀ ପାତ୍ର**। ପିତା ଭୋଳାନାଥ ପାତ୍ର, ମାତା ଶୋଭାରାଣୀ ପାତ୍ର। ଘର ବାଲେଶ୍ୱର ଜିଲାର ଜାଗୁଲି ଠାରେ। ସେ କୁହନ୍ତି, ମା,ବାପାଙ୍କର ମୁଁ ଏକମାତ୍ର ଝିଅ । ଘରର ପ୍ରତି କାନ୍ଥବାଡ଼ ସତେଯେମିତି କଳାସଂସ୍କୃତିକୁ ଜାବୁଡ଼ି ଧରିଥିଲା। ମୋ ବାପାଥିଲେ ଜଣେ ଶିକ୍ଷକ। ହେଲେ ସେ ନାଟକ ଓ ଡ୍ରାମା ଆଦିରେ ନିର୍ଦ୍ଦେଶନା ଦେଉଥିଲେ। ମୋର ପଞ୍ଚମ ଶ୍ରେଣୀରୁ ଗୀତ, ନାଚପ୍ରତି ପ୍ରବଳ ଆଗ୍ରହ ହେଲା। ଗୁରୁ ବନମାଳୀ ଜେନା ଏବଂ ବାସୁଦେବ ଗୋଚ୍ଛାୟତଙ୍କ ପାଖରୁ ଗୀତ ଶିଖିଲି। ତା' ସହିତ ଓଡ଼ିଶୀ , ସମ୍ବଲପୁରୀ ନୃତ୍ୟ ମଧ୍ୟ ଶିଖିଲି। କିନ୍ତୁ ପରିବାର ଗୀତକୁ ଅଧିକା ସ୍ୱୀକୃତି ଦେଲେ। ସେଇଠୁ ଆରମ୍ଭ ହେଲା ବିଧିବଦ୍ଧ ସଂଗୀତ ଶିକ୍ଷା। ସେତେବେଳ ଯେଉଁଠି କିଛି ସଂଗୀତ କାର୍ଯ୍ୟକ୍ରମ ହେଉଥିଲା ଅଂଶଗ୍ରହଣ କରୁଥିଲି। ଆମ ଅଞ୍ଚଳର ପ୍ରାୟ ସବୁ ସ୍କୁଲ ଓ କଲେଜରେ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ହେବାରୁ ମନୋବଳ ଦୃଢ଼ ହେଲା। ମୋ ବାପାଙ୍କର ଇଚ୍ଛାଥିଲା ମୁଁ ଜଣେ ଅଧ୍ୟାପିକା ହେବି। ତେଣୁ ପିଜି କରିବି ବୋଲି ଭୁବନେଶ୍ୱର ଆସିଲି। ସେତେବେଳେ ଇଟିଭିର ମହ୍ଲାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଲି। ରାଖାଲ ମହାନ୍ତି, ରାଧାକାନ୍ତ ନନ୍ଦ ଓ ସିକନ୍ଦର ଆଲାମ ପ୍ରମୁଖ ଜଣାଶୁଣା କଳାକାରମାନଙ୍କ ଗହଣରେ ଭଜନଗାଇବାର ଅନୁଭୂତି ଥିଲା ଭିନ୍ନ। ଆଜିଯାଏ ଏହାକୁ ମନରେ ସାଇତି ରଖିଛି। ଆଉ ସେବେଠୁ ପଛକୁ ଫେରିନି। ଏହାପରେ ଆକାଶବାଣୀରେ ସ୍ୱୀକୃତିପ୍ରାପ୍ତ ଗାୟିକାଭାବେ ପରିଚିତ ହେଲି। ତା' ପରଠୁ ଆଜି ଯାଏ କେବଳ ୧୭ବର୍ଷ ଧରି ଭଜନ ହିଁ ଗାଇ ଚାଲିଛି। ବାହାଘର ପରେ ଭୁବନେଶ୍ୱର ଚାଲି ଆସିଲି। ବାପାଙ୍କ ପରେ ସ୍ୱାମୀ ପ୍ରଭାତକୁମାର ନାୟକ ହିଁ ମତେ ସଂଗୀତ କ୍ଷେତ୍ରରେ ଆଗକୁ ନେବାରେ ସାହାଯ୍ୟ କରିଛନ୍ତି। ସେତେବେଳେ ସ୍ୱାମୀଙ୍କୁ ବିଦେଶ ଯିବା ପାଇଁ ବହୁତ ଅଫର ଆସିଥିଲା କିନ୍ତୁ ମୋ ପାଇଁ ସେ ଭୁବନେଶ୍ୱରରେ ରହିଲେ। ମୋର ପ୍ରଥମ ଭଜନ ଆଲବମ୍– 'ମୋହ ମାୟା ଅଢେଇଦିନ' ମୋତେ ଘରେ ଘରେ ପରିଚିତ କରାଇଥିଲା। ମୋତେ କରିଦେ କଳାତୁଳସୀ, ବଉଳା ଗାଈର ଚାନ୍ଦବାଛୁରି, ପ୍ରଭାତୁ ଉଠିବୁ ଆଲୋ ସଜୋନୀ ମୋର ଆଦି ଗୀତ ମତେ ସ୍ୱତନ୍ତ୍ର ପରିଚୟ ଦେଲା। ତା' ପରେ କଟକରେଗୁରୁବିଶ୍ୱନାଥ ମିଶ୍ରଙ୍କଠୁ ପୁଣି ସଂଗୀତ ଶିକ୍ଷା ଆରମ୍ଭକଲି। ଆଉ ଭଜନ କ୍ୟାସେଟ୍‌ରେ ଗୀତ ଗାଇ ଚାଲିଲି। ଓଟିଭି ଦାମିନୀ ଧାରାବାହିକର ଟାଇଟଲ ସଙ୍ଗ ଗାଇବା ସହ ବେଷ୍ଟ ସିଙ୍ଗର ପୁରସ୍କାର ମତେ ମିଳିଥିଲା। ଏହାଛଡା ଡିଡି–୧ରେ ଗାଁ ସିରିଏଲର ଟାଇଟଲ ସଙ୍ଗ୍ ଓ ଭଜନଅନ୍ତାକ୍ଷରୀ ମତେ ଘରେ ଘରେ ପରିଚିତ କରାଇଛି। ଭଜନ – ବଡ଼ଦାଣ୍ଡେ ଜଗା ଝୁଲିଝୁଲି ଆସୁଛି ସଂଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ଭାବବନ୍ଧନ କ୍ୟାସେଟର ଗୀତ –ହାଏରେ ହାଏମୋ କହ୍ନେଇ ରାଜା କୁଆଡ଼େଗଲା, ଜନ୍ମରୁ ମରଣ ଅଢ଼େଇ ଦିନ, କଳା ଯାଦୁଗର, ଯାବୁଡ଼ି ଧରିବି କାଳେ ପାଦକୁ ତୋର ଆଦି ଲୋକଙ୍କ ମନକୁ ଛୁଇଁ ଥିଲା। ଆଜିଯାଏ ପ୍ରାୟ୫ଶହରୁ ଉର୍ଦ୍ଧ୍ୱ ଭଜନ ଗାଇ ସାରିଛି । ପଦ୍ମଶ୍ରୀ ରଜତ କରଙ୍କ ସହିତ ଭାଗବତ ଗାଇଛି। ସବୁଠୁ ବଡ଼ କଥା ହେଲା ଜଣେ କଳାକାର ଭାବରେ ସ୍ମୃତି ମଧୁର ହେବାପରି ଗୀତ ଗାଇବାରେ ମୁଁ ବିଶ୍ୱାସ କରେ। ତା' ବଦଳରେ ଶ୍ରୋତାଙ୍କଠାରୁ ଅନେକ ଭଲ ପାଇବା ସମ୍ମାନ ଆଉ ଆଶୀର୍ବାଦ ମିଳୁଛି। ସବୁଠାରୁ ବଡ଼ କଥା ହେଲା ସ୍ୱାମୀ, ମୋର ଦୁଇ ଝିଅ, ଶାଶୁ ମା'ଙ୍କୁ ନେଇ ଗଢ଼ି ଚାଲିଛି ମୋର ସୁଖର ସଂସାର। ଏତିକି ଆଶା ବିଞ୍ଚିଥିବା ଯାଏ ଭଜନ ଗାଉଥିବି। ଏମିତିରେ ମୋର ଗୋଟିଏ ପ୍ରିୟ ଗୀତ ବି ଅଛି–ଜିଇ ଥିବାଯାଏ ଗାଉଥିବି ମୁହିଁ ,ଭଜନ ଜଣାଣ ପ୍ରଭୁ ତୁମ ପାଇଁ ...। ମୋ ସଂଗୀତମୟ ଜୀବନର ରାସ୍ତା ଆଜି ପର୍ଯ୍ୟନ୍ତ ଭାବ ଭକ୍ତିକୁ ନେଇ ପ୍ରଭୁଙ୍କ ପାଖରେ ସମର୍ପିତ।

–ବନବିହାରୀ ବେହେରା







# ଏଯାବତ୍

–ସୌମ୍ୟା ଶୁଭଦର୍ଶିନୀ

ଆଉ କିଛି ଘଟୁ ବା ନଘଟୁ ତୁମକୁ ପୁଣି ଥରେ ଅନୁଭବ କରିବାର, ନିଜ ପୃଥିବୀରେ ପାଇବାର, ସୁଖ ଦୁଃଖ ବାଣ୍ଟିବାର ଆଶା ନିତି କଡ଼ ଲେଉଟଉଛି ମୋ ଭିତରେ ଏଯାବତ । ସେଇ ଅଭ୍ୟାସଗତ ଉନ୍ମାଦନାରେ ଟିକିଏ ବି ଭଙ୍ଗା ପଡିନି ସତରେ ।

...............

ଅନିରୁଦ୍ଧ କାଗଜଟିକୁ ଟିକଟିକ କରି ଛିଣ୍ଡେଇ ପବନରେ ଉଡେଇ ଦେଲା । ସହଜ ନଥିଲା ଗୋଟିଏ ସରକାରୀ ଦଲିଲକୁ ଏଭଳି ଅପମାନିତ କରିବା । ସେଇଟା ଖୋଦ ନ୍ୟାୟାଳୟରୁ ସ୍ୱୀକୃତିପ୍ରାପ୍ତ ଗୋଟିଏ ଦଲିଲ ଯାହା ତା'ର ଭବିଷ୍ୟତ ଜୀବନର ଗତିପଥ ନିର୍ଦ୍ଧାରଣ କରିବାର ଯଥେଷ୍ଟ ସାମର୍ଥ୍ୟ ରଖୁଥିଲା । ତା' ଭଳି ମଧ୍ୟବିତ୍ତ ଶ୍ରେଣୀର ଲୋକ ପାଇଁ ଗୋଟିଏ ଭୟଙ୍କର ଦୁଃସମ୍ବାଦ ଧରିଥିବା ଦଲିଲ ଟାକୁ ସେ ଟୁକୁଡ଼ା ଟୁକୁଡ଼ା କରିଦେଲା ବିନା ଶବ୍ଦ ବ୍ୟୟରେ ।

ସୁଧନ୍ୟା ରାଗି ଯାଇ କହିଲା, ''ଏମିତି ଚିରି ଫୋପାଡ଼ି ଦେଲେ ମୁକ୍ତ ହେଇଯିବନି ତୁମେ । ଏଇଟା ଜେରକ୍ସ କପି ଅରିଜିନାଲ ମୋ ପାଖରେ ସୁରକ୍ଷିତ । ସହଜରେ ରାଜି ନହେଲେ ଅନ୍ୟ ଉପାୟ ଆଦୌ ମୋ ପାଇଁ କଷ୍ଟକର ନୁହେଁ ।ସରକାରୀ ଚାକିରୀରେ ଥିବା ସାମାଜିକ ଲୋକ ପାଇଁ ଆଇନ କାନୁନ ହାଉଜାଉ ।''

ଏଘଟଣା ପୂର୍ବରୁ ପୋଲିସ ତାକୁ ଦୁଇଥର ତଲାସ କରି ଘର ଦୁଆର ଯାଏଁ ଆସିସାରିଥିଲା । ନିଜ ଓକିଲର ପରାମର୍ଶ ଅନୁସାରେ ସେ ମାଉସୀ ଘରେ ଆତ୍ମଗୋପନ କରି ଦୁଇ ମାସ ହେଲା ନିଜକୁ ନିବୁଜ କରିସାରିଥିଲା । ସୁଧନ୍ୟାକୁ ବୁଝେଇବାର ସମସ୍ତ ପ୍ରଚେଷ୍ଟା ଅସଫଳ ହେଲା । ସେ ଏ ବିବାହ ବନ୍ଧନରୁ ମୁକ୍ତି ଚାହେଁ ।

ଏତେ ସବୁ ତିକ୍ତ ଅନୁଭୂତି ପରେ ବି ଏଯାବତ ଯେଉଁ ଆକର୍ଷଣ ଥିଲା ସୁଧନ୍ୟା ପ୍ରତି ସେତକ ଆଦୌ ମହଳଣ ପଡୁନଥିଲା କାହିଁକି କେଜାଣି ? ପ୍ରେମ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ସହ ସଂଶ୍ଳିଷ୍ଟ ଏଇ ବିବାହ, ପରିବାରର ବିନା ଅନୁମତିରେ କରିଥିଲେ ସେ ଦୁହେଁ । ସାତ ଜନ୍ମ ନହେଲେ ନାହିଁ ଗୋଟିଏ ଜନ୍ମ ଲାଗି ଅନ୍ତତଃ ବାନ୍ଧି ହେଇ ରହିବା ଲାଗି କ'ଣ ଯୋଗ୍ୟ ନଥିଲା ତାଙ୍କ ପ୍ରେମ ? ଗୋଟିଏ ଭୁଲ ବୁଝାମଣା ଲାଗି ସେ ଦୁହେଁ ଆଜି ଦୁରେଇ ଯାଇଛନ୍ତି କିନ୍ତୁ ସେତକ କ'ଣ ସମାଧାନ ହେଇପାରିବ ନାହିଁ ? ଆଜି କାହିଁକି କେଜାଣି ଦୃଢ଼ ବିଶ୍ୱାସ ଆସୁଥିଲା ଯେ ଆଉ ଥରେ ଜୀବନ ସେ ଦୁହିଁଙ୍କୁ ସୁଯୋଗ ଦେବା ଜରୁରୀ । ଏସବୁ ସିଦ୍ଧାନ୍ତ ରାଗ ରୋଷରେ ନୁହେଁ ଥଣ୍ଡା ମୁଣ୍ଡରେ ନେବା ଜରୁରୀ । ଏଇ ସମସ୍ୟାଠାରୁ ଦୂରକୁ ଯିବା ଅପେକ୍ଷା ଦୃଢ଼ତା ସହକାରେ ସାମ୍ନା କରିବା ଜରୁରୀ ।

ହଠାତ ଲାଗିଲା ସେ ସୁଧନ୍ୟାକୁ ଏଥର ଯିବାକୁ ଦେବନି .....ନା ଆଦୌ ନୁହେଁ । ସେ ନିଜର ସମସ୍ତ ଶକ୍ତି ଲଗେଇ ସୁଧନ୍ୟାକୁ ଜଡେଇ ନେଲା ନିଜ ଦେହରେ । ଯଥା ସମ୍ଭବ ଭାବପ୍ରବଣ ହେଇ କହିଲା , ''ଆମେ ନିଜକୁ ପରସ୍ପରଠୁ ଦୁରେଇ ପାରିଛନ୍ତି କି ଏଯାବତ ?''

ସୁଧନ୍ୟା ଏଇ ଅପ୍ରତ୍ୟାଶିତ କାଣ୍ଡରେ ହଲଚଲ ହେଇଗଲା ଆଉ ମୁହୂର୍ତ୍ତକ ଲାଗି ଦ୍ୱନ୍ଦ୍ୱରେ ରହିଲା ସତରେ ସେ କ'ଣ ଅନିରୁଦ୍ଧ ବିହୀନ ପୃଥିବୀରେ ସୁଖୀ ହେବ ?......

– ଡି –୨୦୫ , ସିଡିଏ ସେକ୍ଟର ୬,
କଟକ
ମୋ:୭୦୦୮୭୬୮୩୦୪



# ମାଟିଦୀପ

–ଦୀପ୍ତିମୟୀ ପ୍ରଧାନ

ଅନ୍ଧାରକୁ ଅଧିକାର ମାଗିପାରେ ବୋଲି
ଅବିକ୍ଷତ ଥାଏ
ମୋର ଅହଂକାର ।

କେହି ଦେଖିପାରନ୍ତିନି ଜ୍ୱଳନକୁ
ଅଥଚ ଜଳୁଥାଏ ନିରନ୍ତର ।
ପୋଡାମାଟିର କୋଟିକମ ଆଧାରରେ
ଜଳୁଛି ଅମୃତ
ଅଂଧାରକୁ ଘେରି ରଖିଛି
କୋମଳ ଅନୁରାଗର ଅର୍ଚ୍ଚି ।

ଆଖିରୁ ଲିଭିଯାଉଛି ଆଭା
ଓଠରୁ ଶୁଖିଯାଉଛି ରସ
ଚର୍ମରୁ ଶେଷ ହେଇଆସୁଛି ପରଶ
କାନରୁ ହଜିଯାଉଛି ନାଦ

ଅଥଚ
ମହାରସରେ ନିଃଶେଷ ହେଉନି
ଅବଶେଷ,
ସଂଚରି ଯାଉଚି ଦଶଦିଶ, ଅହର୍ନିଶ ।

ମାର୍ଫତ–ଇଂ. ଅକ୍ଷୟ କୁମାର ସାହୁ
ଫ୍ଲାଟ୍ ନଂ–ସି/୧୧୦, ରଶ୍ମିବିହାର
ଭୁବନେଶ୍ୱର, ମୋ: ୯୪୩୭୧୪୬୯୮୦



# କିଙ୍କିଣୀ

–ସୁଜାତା ମହାପାତ୍ର

ଶ୍ଳୋକ ଓ ସୂକ୍ତର ଅହଂକାରରେ
ନିରବି ଯାଉଛି ମୋର ସ୍ୱର ମାଆ,
କହ, କେଉଁ ଭାବରେ ଜଣାଇବି
ମୋ କରୁଣ ଆର୍ତ୍ତନାଦ ?

ଆଜାନୁ ଲମ୍ବିତ ତୋର
ଏ ଅମଳିନ ପଦ୍ମମାଳା,
ପୁଷ୍ପିତ ଅଞ୍ଜଳୀରେ
ଦଂଶନର ଦାଗ,
ମୃଣାଳେ ଭରିଛି ଅସୁରର ଗନ୍ଧ,
ବିମୁକ୍ତତା ଆଉ କେତେ ଦୂର ମାଆ ?

କେଉଁ ସିଦ୍ଧ ମନ୍ତ୍ରରେ ମୁଁ
କରିବି ଅର୍ଚ୍ଚନା ?
ତୋ ଆବାହନୀ କେବଳ
ବିସର୍ଜନ ପାଇଁ !

ରାତ୍ରୀସୁକ୍ତ, କିଳକ, କବଚ
କିଏ ରକ୍ଷା କରିବ ନିରୀହ ପଦ୍ମମାନଙ୍କୁ
ରକ୍ତବୀଜର ରକ୍ତିମ ବୀଜ ମାନଙ୍କରୁ ?

ହେ ମାଆ !
କେଉଁ ଦେବତାର ଦାନରେ ନୁହେଁ
ସ୍ୱଦମ୍ଭରେ ଆଦର୍ଶ ହୁଅ ମୋର
ତୁ ନୁହେଁ, ବରଂ ମୁଁ ନିଜେ ହିଁ
ରକ୍ଷକ ହୁଏ ମୋ ନିଜ ଅସ୍ତିତ୍ୱର ।

–ଶିବାନୀ ଏନ୍‌କ୍ଲେଭ
ବମୀଖାଲ, କେନାଲ ରୋଡ
ଭୁବନେଶ୍ୱର, ମୋ : ୯୪୩୭୩୬୦୯୬୪

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି–ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ଚଙ୍କି ତନୟା ଅନନ୍ୟା ପାଣ୍ଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ଏକ ନାରୀଭିତ୍ତିକ ସିନେମାର ସେ ନାୟିକା ସାଜୁଛନ୍ତି, ଯାହାର କାହାଣୀରେ ସମାଜସେବାର ଝଲକ ମଧ୍ୟ ଦେଖିବାକୁ ମିଳିବ। ଏହି ଅନଟାଇଟଲ୍ଡ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ନିଜ ପରିବାରରୁ ତାକୁ ସହଯୋଗ ମିଳୁନି। ଏଭଳି ଉଦ୍ୟମ ପାଇଁ ତାଙ୍କୁ ନିନ୍ଦା ଅପବାଦ ଶୁଣିବାକୁ ପଡୁଛି। ହେଲେ ଦୃଢ଼ମନା ନାରୀ ଜଣକ ନିଜ ଲକ୍ଷ୍ୟ ପଥରେ ଆଗେଇବାକୁ ସ୍ଥିର କରିଛି। ଏପରି କି ଏଥିପାଇଁ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ ସୁନ୍ଦର କାହାଣୀକୁ ନେଇ ନିର୍ମିତ ଉକ୍ତ ଫିଲ୍ମର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏହି ଭୂମିକା ଅନନ୍ୟାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଅନନ୍ୟା

# ସାମାନ୍ୟ ଭୁଲ ପାଇଁ..

ସାମାନ୍ୟ ଭୁଲ ପାଇଁ ବେଳେବେଳେ ଆମକୁ ବିରାଟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେପରି ଏକ ଘଟଣା ଘଟିବା ପରେ ଦୁଇଟି ପରିବାରର ସୁଖ ଶାନ୍ତି କିପରି ଧ୍ୱଂସ ହୋଇଯାଉଛି ତାହାକୁ ଆଧାର କରି କାହାଣୀ ଗତି କରିଛି। ଆଉ ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମାଟି ହେଉଛି 'ବେସାହାରା'। ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ବେଳେବେଳେ ଏକ ଭୁଲ୍‌ର ପରିଣାମ ଭୟଙ୍କର ହୋଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥା ସମସ୍ୟା ସମ୍ମୁଖୀନ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଏହାର ଶୁଟିଂ ବର୍ତ୍ତମାନ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର।


ଜ୍ୟୋତି–ସୁପ୍ରିୟା

# ସ୍ପେଶାଲ ଗିଫ୍ଟ

ତାପସୀ ପାନ୍ନୁ ଏବେ ନିଜ ସ୍ପେଶାଲ ଗିଫ୍ଟ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି। ତାଙ୍କୁ ଏହି ଉପହାରଟି କିଏ ଦେଇଛନ୍ତି ଜାଣନ୍ତି ? ତାଙ୍କର ଜଣେ ଅନ୍ତରଙ୍ଗ ବାନ୍ଧବୀ। ନିକଟରେ ତାଙ୍କର ଏହି ବାନ୍ଧବୀ ତାପସୀଙ୍କୁ ଭେଟିବାକୁ ଆସିଥିଲେ। ଆଉ ସାଙ୍ଗରେ ଏକ ଗିଫ୍ଟ ମଧ୍ୟ ଆଣିଥିଲେ। ତାହା କ'ଣ ଥିଲା ଜାଣନ୍ତି ? ଏକ ଦାମୀ ରିଷ୍ଟ ୱାଚ୍। ଏ ବିଷୟରେ ତାପସୀ କହନ୍ତି, 'ନିକଟରେ ମୋର ଜଣେ ବାନ୍ଧବୀ ମୋତେ ଭେଟିବାକୁ ଆସିଥିଲେ। ବେଶ୍ କିଛି ବର୍ଷ ପରେ ଆମର ସାକ୍ଷାତ ହୋଇଥିଲା। ଏହି ସମୟରେ ସେ ମୋତେ ଏକ ଗିଫ୍ଟ ଦେଇଥିଲେ। ଯେତେବେଳେ ମୁଁ ପ୍ୟାକେଟ୍ ଖୋଲିଲି ତାହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାରଣ ତାହା ଥିଲା ଏକ ଦାମୀ ରିଷ୍ଟ ୱାଚ୍। ଏଭଳି ଏକ ଗିଫ୍ଟ ମୋ ପାଇଁ ସ୍ମରଣୀୟ ହୋଇ ରହିବ। କେବଳ ସେତିକି ନୁହେଁ, ଆଲୋଚନା ପ୍ରସଙ୍ଗରେ ସେ ମୋତେ ଏଭଳି ଏକ ଘଟଣା ବିଷୟରେ ବର୍ଣ୍ଣନା କରିଥିଲେ, ଯାହା ମୋତେ ବେଶ୍ ଇମ୍ପ୍ରେଶ କରିଛି। ଭାବୁଛି, ଏଭଳି ଘଟଣାକୁ ନେଇ ଏକ ଭଲ କାହାଣୀଟିଏ ରଚନା କରାଯାଇପାରିବ। ପୁଣି ତାହାକୁ ଆଧାର କରି ଗୋଟିଏ ଭଲ ସିନେମା ମଧ୍ୟ ନିର୍ମାଣ କରାଯାଇପାରିବ। ତେଣୁ ଏ ନେଇ ନିଜ ପଟରୁ ନିଶ୍ଚୟ ଉଦ୍ୟମ କରିବି।'


ତାପସୀ

# ଡେଟ୍ ସମସ୍ୟା

କରୀନା କପୁର ଏବେ କ'ଣ କରିବେ ଜାଣି ପାରୁନାହାନ୍ତି। କାରଣ ସେ ସାଇନ୍ କରିଥିବା ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ ହେବାକୁ ଯାଉଛି। ତେବେ ଏଥିପାଇଁ ସେ କେଉଁ ଫିଲ୍ମକୁ କେତେବେଳେ ଡେଟ୍ ଦେବେ ସେ ନେଇ ଅଡୁଆରେ ପଡିଛନ୍ତି। ଏ ନେଇ କରୀନା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯେମିତି ହେଲେ ବି ମୋତେ ଏହି ପ୍ରୋବ୍ଲେମର ସମାଧାନ କରିବାକୁ ପଡିବ। କାରଣ ଫିଲ୍ମଦ୍ୱୟକୁ ମୁଁ ହାତଛଡା କରିବାକୁ ଚାହୁଁ ନାହିଁ।' ନିଜର ଆକ୍ଟିଂ କ୍ୟାରିୟର ମଧ୍ୟରେ କରୀନାଙ୍କର ସବୁଠୁ ବଡ଼ ଅବଶୋଷ ରହିଯାଇଛି ଯେ, ରାକେଶ ରୋଶନଙ୍କ 'କହୋ ନା ପ୍ୟାର ହୈ' ଫିଲ୍ମରେ ହ୍ରିତିକ ରୋଶନଙ୍କ ଅପୋଜିଟ୍‌ରେ ତାଙ୍କୁ କାଷ୍ଟିଂ କରାଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହି ଅଫରଟିକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ଅମୀଷା ପଟେଲଙ୍କୁ ସାଇନ୍ କରାଯାଇଥିଲା। ଆଉ ଫିଲ୍ମଟି ସୁପର୍ ହିଟ୍ ହୋଇଥିଲା।


କରୀନା

# ଅପେକ୍ଷା ଚାରି ବର୍ଷର

ସୟାମୀ ଖେର ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିବା ପରେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ରାକେଶ ଓମ୍ ପ୍ରକାଶ ମେହେରାଙ୍କ 'ମିର୍ଯ୍ୟା' ଫ୍ଲପ୍ ହୋଇଗଲା। ଫିଲ୍ମଟି ତାଙ୍କୁ ଚାରିବର୍ଷ ଅପେକ୍ଷା ପରେ ମିଳିଥିଲା। ତେବେ ଜଣେ ନବାଗତା ଭାବରେ ତାଙ୍କର ଅଭିନୟକୁ ସେ ସମୟରେ ବେଶ୍ ତାରିଫ କରାଯାଇଥିଲା। ଏପରି କି ଏହି ରୋଲ୍ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ପୁରସ୍କାର ମଧ୍ୟ ମିଳିଥିଲା। କଳାକାର ପରିବାରରେ ଜନ୍ମ ନେଇଥିଲେ ସୟାମୀ। ତାଙ୍କର ଆଈ ଉଷା କିରଣ ଥିଲେ ଜଣେ ଅଭିନେତ୍ରୀ। ସୟାମୀଙ୍କ ମା' ଉତ୍ତରା ମାର୍ଥେ ଖେର ୧୯୮୨ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ବଲିଉଡ୍‌ରେ ସୟାମୀଙ୍କ ପ୍ରାରମ୍ଭିକ କ୍ୟାରିୟର ବେଶ୍ ଉତଥାନ ପତ୍ତନ ମଧ୍ୟରେ ଗତି କରିଥିଲା। ଶେଷରେ ଅନୁରାଗ କଶ୍ୟପଙ୍କ 'ଚୋକ୍‌ଡ' ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା।


ସୟାମୀ

# ଶାଳୀ ହୋଇଥାଉ ଯେତେ ବାନ୍ଦେରୀ, ସ୍ତ୍ରୀ ଠାରୁ ସବୁବେଳେ ସିଏ ସୁନ୍ଦରୀ

**ପ୍ରଶ୍ନ-**ମୁଁ ବାହା ହେବା ମାତ୍ର ଚାରି ବର୍ଷ ହୋଇଛି। ଏବେ ମୁଁ ମୋର ଅବିବାହିତା ଶାଳୀ ପ୍ରେମରେ ପଡିଯାଇଛି। ତା' ପାଇଁ ମୁଁ ଯେମିତି ପାଗଳ। ଏବେ କ'ଣ କରିବି କିଛି ଜାଣିପାରୁନାହିଁ?

*-ଦୀପକ କୁମାର, ରାଉରକେଲା*

**ଉତ୍ତର:** ଘର ସଂସାର କରିବା ପରେ ପ୍ରେମ କାଦୁଅରେ ଗୋଡ ପୁରାଇଲେ ତାହା ନିଜ ଗୋଡରେ ନିଜେ କୁରାଢ଼ି ମାରିବା ପରି ହୋଇଥାଏ। ଉଲ୍ଲେଖ କରିଛନ୍ତି ଯେ, ମ୍ୟାରେଜ୍‌ର ଚାରିବର୍ଷ ପରେ ଆପଣ ଏବେ ଆପଣଙ୍କର ଅବିବାହିତା ଶାଳୀ ପ୍ରେମରେ ମସଗୁଲ। କଥାରେ ପରା ଅଛି- 'ଶାଳୀ ହୋଇଥାଉ ଯେତେ ବାନ୍ଦେରୀ, ସ୍ତ୍ରୀଠାରୁ ସବୁବେଳେ ସିଏ ସୁନ୍ଦରୀ'। ହେଲେ ଯେଉଁ ବାଟରେ ଆପଣ ଏବେ ଯାଉଛନ୍ତି ତାହାର ପରିଣାମ କ'ଣ ହେବ ଥରେ ଚିନ୍ତା କରିଛନ୍ତି? ଏହାଦ୍ୱାରା ଆପଣଙ୍କର ବୈବାହିକ ଜୀବନରେ ଏପରି ଝଡ ଆସିବାର ଆଶଙ୍କା ରହିଛି, ଯାହାକୁ ସମ୍ଭାଳିବା ଆପଣଙ୍କ ପକ୍ଷେ କଷ୍ଟକର ହୋଇପଡିବ। ତେଣୁ ଶାଳୀ ପ୍ରେମର ମହୁ ଯେତିକି ଖାଇଛନ୍ତି ସେଇଠି ହିଁ ପୂର୍ଣ୍ଣଚ୍ଛେଦ ପକାନ୍ତୁ। ନ ହେଲେ ସମୟ ଆସିବ ଆପଣଙ୍କ ଦୁଇ ଆଖିରୁ ବୋହୁଥିବା ଲୁହ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ-**ଜଣେ ସୁନ୍ଦରୀ ମାୟାରେ ମୁଁ ପଡିଯାଇଛି। ହେଲେ ସେହି ମାୟାରେ କେତେ ପ୍ରେମ ଅଛି ଜାଣିପାରୁନାହିଁ। ଏବେ ସେ ମୋତେ ଦେଖିଲେ କେବଳ ହସୁଛି, କିଛି କହୁନି। ତାହାର ସେହି ହସରେ ଭଲ ପାଇବା ଅଛି ତ ?

*-ତପନ ବିଶ୍ୱାଳ, ରେଢ଼ାଖୋଲ*

**ଉତ୍ତର:** ସେହି ସୁନ୍ଦରୀ ହସରେ ପ୍ରେମ ଅଛି କି ନାହିଁ ତାହା ଜାଣିବା ପାଇଁ ସେହି ହସକୁ ଭଲ ଭାବରେ ଥଣ୍ଡା ମିଜାସ୍‌ରେ ତର୍ଜମା କରନ୍ତୁ। ଯଦି ସେଥିରୁ କିଛି ପ୍ରେମର ସୁରାକ୍ ପାଉଛନ୍ତି ତେବେ ବିଳମ୍ବ କଲେ ହୁଏତ ଏକ ଗୋଲଡେନ୍ ଚାନ୍ସ ହାତରୁ ଖସିଯାଇପାରେ। ତେଣୁ ସୁଯୋଗ ଆଉ କିଏ ମାରିନେବା ପୂର୍ବରୁ ଆପଣ ସୁନ୍ଦରୀ ହୃଦୟରେ ପରମାନେଣ୍ଟ ଘର ତିଆରି କରିଦିଅନ୍ତୁ। ଯଦି ଦୁଇ ପଟରୁ ସିଗନାଲ ମିଶିଗଲା ତେଣିକି କେବଳ ଧାଡି ଦେଖି ମାଡି ଯିବା କଥା।

> "ଯେଉଁ ବାଟରେ ଆପଣ ଏବେ ଯାଉଛନ୍ତି ତାହାର ପରିଣାମ କ'ଣ ହେବ ଥରେ ଚିନ୍ତା କରିଛନ୍ତି ? ଏହାଦ୍ୱାରା ଆପଣଙ୍କର ବୈବାହିକ ଜୀବନରେ ଏପରି ଝଡ ଆସିବାର ଆଶଙ୍କା ରହିଛି, ଯାହାକୁ ସମ୍ଭାଳିବା ଆପଣଙ୍କ ପକ୍ଷେ କଷ୍ଟକର ହୋଇପଡିବ। ତେଣୁ ଶାଳୀ ପ୍ରେମର ମହୁ ଯେତିକି ଖାଇଛନ୍ତି ସେଇଠି ହିଁ ପୂର୍ଣ୍ଣଚ୍ଛେଦ ପକାନ୍ତୁ। ନ ହେଲେ ସମୟ ଆସିବ ଆପଣଙ୍କ ଦୁଇ ଆଖିରୁ ବୋହୁଥିବା ଲୁହ ପୋଛିବାକୁ ପାଖରେ କେହି ନ ଥିବେ।"

**ପ୍ରଶ୍ନ-**ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। କ'ଣ କରିବି ?

*-ସୁମନ, କେନ୍ଦ୍ରାପଡା*

**ଉତ୍ତର:** ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍ ପୁଣି ଧକ୍‌ଧକ୍ କରୁଛି। ବୋଧହୁଏ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ଯିଏ ଆପଣଙ୍କୁ ଧୋକା ସାଗରରେ ଭସେଇ ଚାଲିଯାଇଥିଲା, ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଥରେ ତର୍ଜମା କରନ୍ତୁ। ପୁନର୍ବାର ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁଣି ଥରେ ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ?

**ପ୍ରଶ୍ନ-**ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ଧୈର୍ଯ୍ୟହରା ହୋଇଗଲିଣି। ସେ ଫେରି ଆସିବ ତ ?

*-ଦିବ୍ୟ ସାହୁ, କଟକ*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ହେଲେ ଆପଣଙ୍କ ମନର ମାନସୀ ଆସୁନାହିଁ। ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। କଥାରେ ଅଛି-ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।




## ପ୍ରଥମ ରୋଜଗାର



ସାହିତ୍ୟିକ ତଥା ଗଞ୍ଜାମ ଥାନା ଏସ୍.ଆଇ. **ଅଜିତ ପରିଡ଼ା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

# ମା'ଙ୍କୁ ଶାଢି ଉପହାର ଦେଇଥିଲି

**କେ**ଜାଣି କାହିଁକି ପିଲାଟି ଦିନରୁ ପୋଲିସ୍ ପୋଷାକ ପ୍ରତି ମୋର ଖୁବ୍ ଦୁର୍ବଳତା ରହି ଆସିଥିଲା। ଆଶା ଥିଲା ବଡ଼ ହେଲେ ପୋଲିସ୍ ଚାକିରୀ କରିବି ବୋଲି। ଏ କ୍ଷେତ୍ରରେ ମୋ ବାପା ଲକ୍ଷ୍ମଣ ପରିଡ଼ା ଓ ମା' ରାଜଶ୍ରୀ ପରିଡା ମୋତେ ଖୁବ୍ ଉତ୍ସାହିତ କରୁଥିଲେ। ପେଶାରେ ବାପା ଥିଲେ ଜଣେ ଶିକ୍ଷକ ଓ ମା' ଗୃହିଣୀ। ଶେଷରେ ବାପାମା'ଙ୍କ ଆଶୀର୍ବାଦ ଓ ନିଜ ଇଚ୍ଛାଶକ୍ତି ବଳରେ ମାତ୍ର ୨୫ ବର୍ଷ ବୟସରେ ପୋଲିସ ବିଭାଗରେ ନିଯୁକ୍ତି ପାଇଗଲି। ପ୍ରଥମେ ଏସ୍.ଆଇ. ଭାବେ ରାୟଗଡ଼ାରେ ପୋଷ୍ଟିଂ ମିଳିଥିଲା। ରାୟଗଡ଼ା ଉପାନ୍ତ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରଥମ ପୋଷ୍ଟିଂ ହୋଇଥିବାରୁ ସେଠାରେ ନିଜ କର୍ତ୍ତବ୍ୟରେ କେବେ ବି ଅବହେଳା କରି ନଥିଲି। ସେଥିପାଇଁ ଖୁବ୍ କମ୍ ଦିନରେ ସ୍ଥାନୀୟ ଲୋକଙ୍କର ମନ ଜିଣିବାରେ ସକ୍ଷମ ହୋଇପାରିଥିଲି। ତେବେ ସେଠୁ ଯେଉଁ ପ୍ରଥମ ଦରମା ପାଇଥିଲି, ସେଥିରେ ମା'ଙ୍କୁ ଗୋଟିଏ ଶାଢି ଉପହାର ଦେବାରୁ ସେ ବହୁତ ଖୁସି ହୋଇ ଯାଇଥିଲେ। ବେଶ୍ କିଛିଦିନ ରାୟଗଡ଼ାରେ କାମ କରିବା ପରେ ଗାଙ୍ଗପୁର ଥାନାକୁ ମୋର ବଦଳି ହେଲା। ତା'ପରେ ଛତ୍ରପୁର ଥାନା ଏବଂ ପରେ ଗଞ୍ଜାମ ଥାନାକୁ ମୋର ବଦଳି ହୋଇଥିଲା ; ଯେଉଁଠାରେ ଏବେ ବି ମୁଁ କାର୍ଯ୍ୟରତ। ତେବେ ଗାଙ୍ଗପୁର ଥାନାରେ କାମ କରୁଥିବା ବେଳେ ମୋ ସହିତ ଏମିତି ଏକ ଘଟଣା ଘଟିଯାଇଥିଲା ; ଯାହାକୁ କେବେ ବି ଭୁଲି ପାରିବି ନାହିଁ। ହଠାତ୍ ଦିନେ ଖବର ଆସିଲା ଡେଙ୍ଗା ପଦର ଗ୍ରାମ ନିକଟସ୍ଥ ଏକ ଚାଷ ଜମିରେ ମଣିଷ ହାଡ଼ ଓ କଙ୍କାଳ ପଡ଼ିଛି। ଚାରିପାଞ୍ଚ ଜଣ ଷ୍ଟାଫଙ୍କୁ ନେଇ ଘଟଣାସ୍ଥଳକୁ ବାହାରିଗଲି। ଉକ୍ତ ଅଞ୍ଚଳଟି ଜନବସତିଠାରୁ ଦୂରରେ ଥିଲା ଏବଂ ବାଟରେ ଏକ ଜଙ୍ଗଲ ରାସ୍ତା ପଡୁଥିଲା। ତେଣୁ ମନରେ ବିଭିନ୍ନ ହିଂସ୍ର ଜନ୍ତୁଙ୍କ ଭୟ ରହୁଥିଲା। ତଥାପି ସାହାସର ସହ ସେହି ଅନ୍ଧାର ରାତିରେ ବିଲମାଳ ଦେଇ ଦୁଇଟି ନାଳ ଡେଇଁ ଯିବା ପରେ କଙ୍କାଳ ଓ ହାଡ଼ ପଡିଥିବା ସ୍ଥାନରେ ପହଁଞ୍ଚିଲାବେଳକୁ ରାତି ୮ଟା ବାଜି ସାରିଥାଏ। ପାରିପାର୍ଶ୍ୱିକ ପରସ୍ଥିତିକୁ ଅନୁଧ୍ୟାନ କରିବା ପରେ ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିଲି ଆଉ ସେଥିରେ ସଫଳ ମଧ୍ୟ ହୋଇଥିଲି। ଯେଉଁଥିପାଇଁ ଡିଜିପିଙ୍କ ଠାରୁ ବେଷ୍ଟ ସବ୍ ଇନ୍ସପେକ୍ଟର ଉପହାର ବି ପାଇଥିଲି ; ଯାହା ମୋତେ ଆନନ୍ଦ ଦେଇଥିଲା। କିନ୍ତୁ ଆଜି ବି ସେଦିନର ସେହି ମୁହୂର୍ତ୍ତ କଥା ମନେ ପଡିଗଲେ ଦେହ ଶିତେଇ ଉଠେ। ତେବେ ଚାକିରି କାଳ ଭିତରେ ଏହିଭଳି ଅନେକ ରୋଚକପୂର୍ଣ୍ଣ ଘଟଣାକୁ ମୁଁ ସାହାସର ସହ ସାମ୍ନା କରିଛି ; ଯେଉଁଥିପାଇଁ ସାଧାରଣ ଜନତା ହୁଅନ୍ତୁ ବା ଉଚ୍ଚ ଅଧିକାରୀଙ୍କଠାରୁ ବହୁ ପ୍ରଶଂସା ମଧ୍ୟ ପାଇଛି। ଏହାଛଡ଼ା ପୋଲିସ ଚାକିରୀ ଭଳି ବ୍ୟସ୍ତମୟ କର୍ମ ଜୀବନ ଭିତରୁ କେବେ ଯଦି ଟିକେ ଫୁର୍‌ସତ୍ ମିଳିଯାଏ, ତା'ହେଲେ ଗପ, କବିତା ଲେଖାରେ ଟିକେ ମନୋନିବେଶ କରିଦିଏ। କେବଳ ଲେଖାଲେଖି ନୁହେଁ ବିଭିନ୍ନ ପ୍ରକାର ପୁସ୍ତକ ପଢିବାରେ ବି ମୋର ରୁଚି ରହିଛି। ୟା' ଭିତରେ ମୋର ବାହାଘର ମଧ୍ୟ ସରିଗଲାଣି। ମୋ ଧର୍ମପତ୍ନୀ ଭାରତୀ ଜଣେ ସଫ୍ଟୱେର୍ ଇଞ୍ଜିନିୟର। ଉଭୟ କର୍ମମୟ ଜୀବନ ଓ ପାରିବାରିକ ଜୀବନକୁ ସମାନ୍ତରାଳ ଗତିରେ ଆଗେଇ ନେବାରେ ଭଗବାନଙ୍କର ଆଶୀର୍ବାଦ ରହିଥିବାରୁ ମୁଁ ତାଙ୍କଠାରେ ଚିର ନମସ୍ୟ।

– ବିଦ୍ୟାଧର ସାହୁ



# ଦୀପରେ ସଜାନ୍ତୁ ଘର



ଦୀପ ଜାଳି ପରିବାର ଲୋକଙ୍କ ସହ ଖୁସି ମନାଇବାର ଏକ ବିଶେଷ ମୁହୂର୍ତ୍ତ ହେଉଛି ଦୀପାବଳି। ସେଥିପାଇଁ ପ୍ରତିବର୍ଷ ଦୀପାବଳି ଅବସରରେ ବଜାରରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ଦୀପର ସମ୍ଭାର ଦେଖିବାକୁ ମିଳିଥାଏ। ଆସନ୍ତୁ ଜାଣିବା ସେମିତି କେତୋଟି ଡେକୋରେଟିଭ ଦୀପ ସମ୍ପର୍କରେ...





**❊ ମଟ୍କି ଦୀପ:** ମଟ୍କି ବା ଛୋଟ ଛୋଟ ମାଟି କୁଡୁଆ ପରି ଦେଖାଯାଉଥିବା ଆକର୍ଷଣୀୟ ଦୀପକୁ ଜାଳି ମଧ୍ୟ ଦୀପାବଳିରେ ଘରକୁ ଏକ ନିଆରା ଲୁକ୍ ଦେଇହେବ।

**❊ ମାଳି ଖଚିତ ଦୀପ:** ଏବେ ମାର୍କେଟ୍‌ରେ ରଙ୍ଗବେରଙ୍ଗର ମାଳି ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଦୀପ ମିଳୁଛି। ଆପଣ ଚାହିଁଲେ ଏହି ଷ୍ଟାଇଲ୍‌ର ଦୀପରେ ଘରକୁ ସଜାଇପାରିବେ।



**❊ ଗ୍ଲାସ୍ କ୍ୟାଣ୍ଡେଲ୍ ଦୀପ:** ଲଣ୍ଠନ ପରି ଅବିକଳ ନ ହେଲେ ବି ସେହି ଥିମ୍‌ରେ କାଚ ଭିତରେ ଦୀପ ରଖି ଅନେକ ସୁନ୍ଦର ସୁନ୍ଦର ଗ୍ଲାସ୍ କାଣ୍ଡେଲ୍ ଦୀପ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଉଛି। ଦୀପାବଳିରେ ଘର ସଜାଇବା ପାଇଁ ଏହାଠୁ ବଳି ଆଉ ଭଲ ଅପ୍ସନ କ'ଣ ହୋଇପାରେ।

**❊ ମୟୂର ଡିଜାଇନ୍‌ର ଦୀପ:** ଭେଲ୍‌ଭେଟ୍ କପଡ଼ା ସାଙ୍ଗକୁ ରଙ୍ଗବେରଙ୍ଗର ଷ୍ଟୋନ ଖଚିତ ହୋଇ ତିଆରି ହୋଇଥିବା ଏହି ମୟୂର ଡିଜାଇନ୍‌ର ଫ୍ରେମ୍‌ରେ ଦୀପ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥାଏ। ଏହି ଷ୍ଟାଇଲ୍‌ର ଦୀପକୁ ଦୀପାବଳି ଦିନ ସନ୍ଧ୍ୟାବେଳେ ଘରର ଡ୍ରଇଂ ରୁମ୍‌ରେ ଲଗାଇଲେ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।




**❊ ମିରର୍ ଖଚିତ ଦୀପ:** ମିରର୍ ବା ଛୋଟ ଛୋଟ କାଚର ଟୁକୁଡ଼ା ଲଗାଇ ସଜାଯାଇଥିବା ଏହି ଦୀପକୁ ଜାଳିଲେ ଘର ଖୁବ୍ ସାଇନିଂ କରିଥାଏ। ସେଥିପାଇଁ ଦୀପାବଳି ଅବସରରେ ଏହି ଷ୍ଟାଇଲ୍ ଦୀପର ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳେ।

**❊ ଫୁଲରେ ସଜ୍ଜିତ ଦୀପ:** ଯେ କୌଣସି ଦୀପ ହେଉନା କାହିଁକି ଯଦି ଦୀପାବଳି ଦିନ ଘରେ ଫୁଲରେ ବିଭିନ୍ନ ପ୍ରକାରର ଝୋଟି କରି ତା'ମଧ୍ୟରେ ଦୀପକୁ ସଜାଇ ଥୋଇ ଦିଆଯାଏ, ତା'ହେଲେ ଏହା ଖୁବ୍ ସୁନ୍ଦର ଦେଖାଯାଇଥାଏ। ଆପଣ ଚାହିଁଲେ ଏହି ଉପାୟରେ ମଧ୍ୟ ଘରକୁ ସଜାଇପାରିବେ।

**❊ ରଙ୍ଗୋଲିରେ ବି ଦୀପ:** କେବଳ ଫୁଲରେ କାହିଁକି ଆପଣ ଚାହିଁଲେ ଘରେ ଖୁବ୍ ସୁନ୍ଦର ସୁନ୍ଦର ରଙ୍ଗୋଲି କରି ତା'ମଧ୍ୟରେ ଦୀପ ରଖି ଘରକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।

**❊ ଗ୍ଲିଟର୍ ଡେକୋରେଶନ ଦୀପ:** ଚିକ୍‌ମିକ୍ କରୁଥିବା ରଙ୍ଗବେରଙ୍ଗର ଗ୍ଲିଟର୍‌ରେ ସଜ୍ଜିତ ଷ୍ଟିକର୍ ଦୀପ ବି ଦୀପାବଳିରେ ଘରକୁ ସଜାଇବା ପାଇଁ ଅନ୍ୟ ଏକ ବିକଳ୍ପ ଅଟେ। ଯଦି ଆପଣଙ୍କ ପାଖେ ଦୀପ ଜାଳିବା ପାଇଁ ସୁବିଧା ନାହିଁ ତା'ହେଲେ ଏହି ଷ୍ଟିକର୍ ଦୀପରେ ମଧ୍ୟ ଘରକୁ ସୁନ୍ଦର ଭାବେ ସଜାଇ ଦୀପାବଳିର ଆନନ୍ଦ ନେଇପାରିବେ।

ଦୀପାବଳିରେ ଘରକୁ ସଜାଇବା ପାଇଁ ଯେ କେବଳ ଦୀପ ଲଗାଇବା ଦରକାର ତାହା ନୁହେଁ, ବରଂ ଦୀପ ଜାଳିବା ଦ୍ୱାରା ଘରେ ସକାରାତ୍ମକ ଊର୍ଜ୍ଜାର ପ୍ରଭାବ ବଢିଥାଏ ବୋଲି ମନରେ ବିଶ୍ୱାସ ରଖିବା ବି ଜରୁରୀ।










ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଜୀବନ

ଯମରାଜ ମନୋଜକୁ: ମୁଁ ତୋ ଜୀବନ ନେବାକୁ ଆସିଛି।
ମନୋଜ: ମୋ ଜୀବନ ତ ମୋ ଗର୍ଲଫ୍ରେଣ୍ଡ ଭିତରେ ଅଛି। ଆପଣ ଦୁଇ ଘର ଛାଡି ତୃତୀୟ ଘରକୁ ଯାଆନ୍ତୁ। ଆଉ ମୋ ଗର୍ଲଫ୍ରେଣ୍ଡକୁ ନେଇ ଯାଆନ୍ତୁ।

## ରିପ୍ଲାଏ

ରାତିରେ ଫୋନ୍‌ରେ କଥା ହେଉଥିବାବେଳେ କିଛି ସମୟ ପର୍ଯ୍ୟନ୍ତ ପ୍ରେମିକ କିଛି କହିଲେ ନାହିଁ। ଏହା ଦେଖି ପ୍ରେମିକା ମେସେଜ୍ କଲେ- ଶୋଇପଡିଲ କି ଜାନୁ।
ପ୍ରେମିକ: ହଁ
ପ୍ରେମିକା: ଶୋଇପଡିଛ ଯଦି ରିପ୍ଲାଏ କେମିତି ଦଉଛ ?
ପ୍ରେମିକ ମୋବାଇଲରୁ ଆଉ ଏକ ମେସେଜ: ମୁଁ ଜାନୁ ନୁହେଁ, ଜାନୁର ବାପା ମେସେଜ୍ କରୁଛି।

## କିଛି ବି

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ: ମୁଁ ତୁମକୁ ବହୁତ ଭଲପାଏ ତମ ପାଇଁ ନିଆଁରେ ବି ଚାଲିପାରିବି।
ପ୍ରେମିକ: ସତରେ ! ତମକୁ ଦେଖିବାକୁ ବହୁତ ଇଛା ହେଉଛି। ଏବେ ଟିକେ ଆସନା।
ଗର୍ଲଫ୍ରେଣ୍ଡ: ପାଗଳ ନା କ'ଣ ? ଏଇ ଉଦୁମୁଦିଆ ଦ୍ୱିପ୍ରହରଟାରେ ଯିବି। ଖରାରେ ମୁଁ କଳା ପଡିଯିବିନି।





# ଦୀପାବଳି ଆନନ୍ଦରେ ଭ୍ରମଣ

**ଆଲୋକର ପର୍ବ ଦୀପାବଳିକୁ ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ତେଣୁ ଏହି ବିଶେଷ ଅବସରରେ କେଉଁ ସ୍ଥାନକୁ ବୁଲିଗଲେ ଆନନ୍ଦ ସାଙ୍ଗକୁ ନିଆରା ଅନୁଭୂତି ପାଇହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

ଆଲୋକର ପର୍ବ ଦୀପାବଳିକୁ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି ଦେଶବାସୀ। କେହି କେହି ଦୀପ ଜାଳି, ରଙ୍ଗୀନ ଆଲୋକମାଳାରେ ଘରଦୁଆର, ରାସ୍ତାଘାଟ ସଜାଇବା ସହ ବନ୍ଧୁବାନ୍ଧବଙ୍କ ସଙ୍ଗେ ମଜା ମଜ୍‌ଲିସ୍‌ରେ ଏହି ଶୁଭ ଦିନଟିକୁ ବିତାଇ ଦେଇଥାନ୍ତି ତ ଆଉ କେହି କେହି ବାହାରକୁ କୁଆଡ଼େ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣ ବି ସେମିତି କିଛି ପ୍ଲାନିଂ କରୁଥାନ୍ତି, ତା'ହେଲେ ଆସନ୍ତୁ ଜାଣିବା ଦେଶର କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦୀପାବଳି ଛୁଟିର ଭରପୂର୍ ଆନନ୍ଦ ଉଠାଇହେବ...

✲ **କୋଲକାତା:** ନିଜର ବିବିଧତା, ବିଶେଷତା, ସାହିତ୍ୟ, ସଂସ୍କୃତି ବ୍ୟତିତ ପର୍ବପର୍ବାଣି କ୍ଷେତ୍ରରେ ବି କୋଲକାତା ସବୁବେଳେ ଖାସ୍ ରହିଆସିଛି। ଦଶହରା ହେଉ ଅବା ଦୀପାବଳି ପର୍ବକୁ ବେଶ୍ ଆନନ୍ଦଉତ୍ସାହର ସହ ପାଳିଥାନ୍ତି ଏଠାକାର ବାସିନ୍ଦା। ଦୀପ ଜାଳି, ରଙ୍ଗୀନ ଆଲୋକମାଳାରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ସହ ମଜାମଜ୍‌ଲିସ୍‌ରେ ସ୍ଥାନୀୟ ଲୋକେ ଏତେ ମଜ୍ଜି ଯାଇଥାନ୍ତି ଯେ, ପାର୍ବଣର ଋତୁ ଏଠାରେ ଆହୁରି ରଙ୍ଗୀନ ହୋଇ ଉଠେ। ସେହିପରି ଏଠାକୁ ବୁଲି ଆସୁଥିବା ଆଗନ୍ତୁକ ବି ଏଠାରେ ଦୀପାବଳିର ଭରପୂର ମଜା ନେବା ସହ ଏଠାରେ ଥିବା ଅନେକ ମାତା କାଳୀଙ୍କର ମନ୍ଦିର ବୁଲିବାର ଆନନ୍ଦ ମଧ୍ୟ ଲଭିପାରିବେ।


✲ **ବାରଣାସୀ:** ଉତ୍ତରପ୍ରଦେଶରେ ଥିବା ଏହି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀଟି ଲୋକମୁଖରେ ବନାରସ ତଥା କାଶୀ ନାମରେ ବି ବେଶ୍ ପରିଚିତ। ଏହା ଦୁନିଆର ସବୁଠାରୁ ପ୍ରାଚୀନ ତଥା ନିରନ୍ତର ପ୍ରଗତି ପଥରେ ଅଗ୍ରସର ହେଉଥିବା ଏକ ସହର ଭାବେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ସବୁଠାରୁ ପବିତ୍ରତମ ସହର ଭାବେ ବି ଏହା ଖ୍ୟାତ। ଏହି ସହରକୁ ନେଇ ହିନ୍ଦୁ ଧର୍ମରେ ଏକ ମାନ୍ୟତା ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କର ଏଠାରେ ମୃତ୍ୟୁ ହୋଇଯାଏ କିମ୍ବା ଏଠାରେ କାହାର ଯଦି ଅନ୍ତିମ ସଂସ୍କାର କରାଯାଏ ; ତା'ହେଲେ ତାଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ। ତେବେ ଦୀପାବଳି ଅବସରରେ ଲକ୍ଷାଧିକ ଦୀପରେ ତଥା ରଙ୍ଗୀନ ଆଲୋକମାଳାରେ ଏଠାକାର ପବିତ୍ର ଘାଟ ସଜାଯାଇଥିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକରେ ମନ୍ତ୍ରମୁଗ୍ଧ ହୋଇଯିବେ।

✲ **ଜୟପୁର:** 'ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଏହି ସହରଟିରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହା ରାଜସ୍ଥାନର ରାଜଧାନୀ ଭାବେ ବି ପ୍ରସିଦ୍ଧ। ହିନ୍ଦୁ ବାସ୍ତୁକଳାର ଅନେକ ନିଚ୍ଛକ ଉଦାହରଣ ଏହି ସହରରେ ହିଁ ଦେଖିବାକୁ ମିଳେ। ଦୀପାବଳି ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ତା'ସହିତ ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ। ସାଧାରଣରେ କହିବାକୁ ଗଲେ ଜୟପୁର ବୁଲିବାର ପ୍ରକୃତ ମଜା ସେତେବେଳେ ଆସେ ଯେବେ ଦୀପାବଳି ଅବସରରେ ଛୁଟି କଟାଇବାର ସୁଯୋଗ ଏଠାରେ ମିଳେ।

✲ **ଦିଲ୍ଲୀ:** ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ, ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯାଇହେବ। ବିଶେଷ କରି ଦୀପାବଳି ଅବସରରେ ଏଠାକୁ ବୁଲିଗଲେ ମନ ମିଜାଜ୍ ଖୁସି ହୋଇଗଲା ପରି ଲାଗିବ। କାରଣ ଏହି ପର୍ବକୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ଦିଲ୍ଲୀ ସହର ରଙ୍ଗୀନ ଆଲୋକମାଳାରେ ସଜେଇ ହେବା ସହ ସମସ୍ତଙ୍କ ଦୁଆର ଆଗରେ ରଙ୍ଗବେରଙ୍ଗର ରଙ୍ଗୋଲି ହୋଇଥିବାର ମଧ୍ୟ ଦେଖାଯାଏ। କେବଳ ସେତିକି ନୁହେଁ ଏଠାକାର ରାସ୍ତାଘାଟରେ ବିକ୍ରି ହେଉଥିବା ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପେଟ ପୁରିଗଲା ଭଳି ଅନୁଭବ ହୁଏ। ସ୍ଥାନେ ସ୍ଥାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ ; ଯାହା ସ୍ଥାନୀୟ ଲୋକ ହୁଅନ୍ତୁ ବା ପର୍ଯ୍ୟଟକ ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥାଏ।








ତେବେ କେବଳ ଏହିସବୁ ସ୍ଥାନ ନୁହେଁ, ଅମୃତସର, ଶିବକାଶୀ, ଗୁଜରାଟ, ଗୋଆରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ ; ଯେଉଁଠାକୁ ପର୍ଯ୍ୟଟକ ଯାଇ ଛୁଟିର ଭରପୂର ଆନନ୍ଦ ଉଠାଇପାରିବେ।



# ରଙ୍ଗୋଲି

**ହିନ୍ଦୁଧର୍ମରେ ଘରର ଅଗଣା ଅବା ମୁଖ୍ୟ ଦ୍ୱାରରେ ରଙ୍ଗୋଲି କଲେ ସୁଖ ସମୃଦ୍ଧି ବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି..**





ଭାରତୀୟ ପରମ୍ପରାରେ ରଙ୍ଗୋଲିର ମହତ୍ତ୍ୱ ବହୁତ ରହିଛି। ହିନ୍ଦୁଧର୍ମରେ ଅଗଣା ଅବା ମୁଖ୍ୟ ଦ୍ୱାରରେ ରଙ୍ଗୋଲି କରିବାଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି। ଏହା ଘରେ ସକାରାତ୍ମକ ପରିବେଶ ବି ସୃଷ୍ଟି କରିଥାଏ। ଯାହାଦ୍ୱାରା ମନ ପ୍ରସନ୍ନ ରହେ। ରଙ୍ଗୋଲିକୁ 'ଅଳ୍ପନ' ବି କୁହାଯାଏ। ଏହି ଶବ୍ଦ ସଂସ୍କୃତ ଶବ୍ଦ 'ଓଲେମ୍ପନ'ରୁ ଉଦ୍ଧୃତ। ଓଲେମ୍ପନର ଅର୍ଥ ହେଉଛି ଲେପ କରିବା। ଏହା ଏକ ବହୁ ପ୍ରାଚୀନ ଲୋକକଳା। ମହେଞ୍ଜୋଦାରୋ ହରପ୍ପା ସଭ୍ୟତା ସମୟରେ ବି ଏହା ଥିବା ଜଣାପଡେ। କାରଣ ଅଳ୍ପନ ସହ ମେଳ ଖାଉଥିବା ଚିତ୍ର ସେହି ସଭ୍ୟତାର ଅବଶେଷରୁ ଉଦ୍ଧାର କରାଯାଇଛି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଯେଉଁ ଘର ଅବା ସହରରେ ସୁନ୍ଦର ଚିତ୍ର ଓ ରଙ୍ଗିନ ରଙ୍ଗୋଲି ତିଆରି ହୋଇଥାଏ ସେଠାରେ ସବୁବେଳେ ଖୁସିର ପରିବେଶ ରହେ। ଆଜି ବି ଏହି କଥାକୁ ବିଶ୍ୱାସ କରାଯାଏ ଏବଂ ଗାଁ ସହରରେ ଘର ବାହାରେ ରଙ୍ଗୋଲି କରାଯାଏ।


**ନାମ ଅନେକ:** ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଉପାୟରେ ରଙ୍ଗୋଲି କରାଯାଇଥାଏ। ଆଉ ପ୍ରତ୍ୟେକ ପ୍ରାନ୍ତରେ ଏହାର ନାଁ ଭିନ୍ନ ଭିନ୍ନ ରହିଥାଏ। ଉତ୍ତର ପ୍ରଦେଶରେ ଏହାକୁ ଚୌକ ପୁରନା କହାଯାଉଥିବାବେଳେ ରାଜସ୍ଥାନ, ଛତିଶଗଡ ଓ ଝାଡ଼ଖଣ୍ଡରେ ମାଣ୍ଡନା, ବିହାରରେ ଅରିପନ, ବଙ୍ଗଳାରେ ଅଳ୍ପନା, ମହାରାଷ୍ଟ୍ରରେ ରଙ୍ଗୋଲି, କର୍ନାଟକରେ ରଙ୍ଗୱଲ୍ଲୀ, ତାମିଲନାଡୁରେ କୋଲମ, ଉତ୍ତରାଞ୍ଚଳରେ ଐପଣ, ଆନ୍ଧ୍ରପ୍ରଦେଶରେ ମୁଗୁ ବା ମୁଗୁଲୁ, ହିମାଚଳ ପ୍ରଦେଶରେ ଅଦୁପନା ଓ କେରଳରେ କୋଲମ କୁହାଯାଏ।

**ରଙ୍ଗୋଲିର ବୈଜ୍ଞାନିକ ମହତ୍ତ୍ୱ:** ରଙ୍ଗୋଲିର ମହତ୍ତ୍ୱ କେବଳ ସାଜସଜ୍ଜା ବା ଧାର୍ମିକ ସ୍ତରରେ ସିମିତ ନୁହେଁ, ବରଂ ବୈଜ୍ଞାନିକ ସ୍ତରରେ ବି ରହିଛି। ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି ଯେ ରଙ୍ଗ ମାନସିକ ସ୍ୱାସ୍ଥ୍ୟ ପାଇଁ ମହୋଷଧି ପରି କାମ କରିଥାଏ। ରଙ୍ଗୋଲି କଲାବେଳେ ବେଶ୍ ସକାରାତ୍ମକ ଅନୁଭବ ହୁଏ। ଏହା ଅବସାଦ ଦୂର କରିଥାଏ। ରଙ୍ଗୋଲି ପକାଇବାବେଳେ ଆଙ୍ଗୁଳି ଓ ବୁଢା ଆଙ୍ଗୁଳି ମିଶି ଜ୍ଞାନ ମୁଦ୍ରା ହୋଇଥାଏ। ଯାହା ମସ୍ତିଷ୍କକୁ ଉର୍ଜାବାନ ଓ ସକ୍ରିୟ କରିବା ସହ ବୌଦ୍ଧିକ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆକ୍ୟୁ ପ୍ରେସର୍ ପରି ମଧ୍ୟ ଏହି ମୁଦ୍ରା କାମ କରି ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୁଏ। ଏହା ଉଚ୍ଚ ରକ୍ତ ଚାପରୁ ବି ବଞ୍ଚାଏ ଏବଂ ମାନସିକ ଓ ଆତ୍ମିକ ଶାନ୍ତି ପ୍ରଦାନ କରେ।



# ରୋବୋର ସ୍କିପିଂ ରେକର୍ଡ

ଛୋଟ ପିଲା ଖୁସିରେ ସ୍କିପିଂ କରୁଥିବା ବେଳେ ବଡମାନେ ଫିଟ୍ ରହିବା ପାଇଁ ସ୍କିପିଂ କରିଥାନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଆଜିର ଆଧୁନିକ ବୈଷୟିକ ଜ୍ଞାନ କୌଶଳ ପାଇଁ ରୋବୋ ମଣିଷ ପରି ବିଭିନ୍ନ ପ୍ରକାରର କାମ କରିବା ସହ ସ୍କିପିଂ ବି କରିପାରୁଛନ୍ତି। ଜାପାନର ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ନାରା କଲେଜ୍‌ରେ ତିଆରି 'ଜମ୍ପେନ' ନାମକ ଏକ ରୋବୋ ବେଶ୍ ସୁନ୍ଦରଭାବେ ସ୍କିପିଂ କରିପାରୁଛି। କେବଳ ସେତିକି ନୁହେଁ ସ୍କିପିଂ କରି ସେ ୱାର୍ଲଡ ରେକର୍ଡ ବି କରିଛି। ସୁନ୍ଦର ପେଙ୍ଗୁଇନ୍ ପରି ଦେଖିବାକୁ ଏହି ରୋବୋ ଏକ ମିନିଟ୍‌ରେ ୧୦୬ ଥର ସ୍କିପିଂ କରି ଉକ୍ତ ରେକର୍ଡ କରିବାରେ ସକ୍ଷମ ହୋଇପାରିଛି। ଏଥିରେ ରୋବୋକୁ ଦୁଇଜଣ ସାହାଯ୍ୟ କରିଥିଲେ। ସେମାନେ ରୋବୋର ଦୁଇ ପାର୍ଶ୍ୱର ଠିଆ ହୋଇ ସ୍କିପିଂ ଦଉଡି ବୁଲାଇଥିଲେ ଓ ଜମ୍ପେନ ରୋବୋ ବେଶ୍ ସୁନ୍ଦରଭାବେ ଜମ୍ପ କରିଥିଲା। ଟୋକିଓ, ମାକୁହାରୀ ମେସେ କନଭେନ୍‌ସନ୍ ସେଣ୍ଟରରେ ଜାପାନୀ ବ୍ରଡକାଷ୍ଟର ଏନ୍‌ଏଚ୍‌କେ ଆୟୋଜନ କରିଥିବା ରୋବୋକନ୍ ଇଭେଣ୍ଟରେ ଉକ୍ତ ରେକର୍ଡ ହୋଇଥିଲା।







## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଅନ୍ତର୍ଜାତୀୟ ଶିକ୍ଷା ଅଭିଯାନ




ଆଜି ଆମ ଅଞ୍ଚଳରେ ଏକ ନୂତନ ଇଣ୍ଟରନ୍ୟାଶନାଲ ସ୍କୁଲର ଶୁଭ ଉଦ୍‌ଘାଟନ ହେଲା। ଏହାକୁ ମିଶେଇ ଏବେ ଆମ ଏଇ ସହର ତଳି ଛୋଟ ଅଞ୍ଚଳରେ ତିନୋଟି ଇଣ୍ଟରନ୍ୟାଶନାଲ ସ୍କୁଲ। ଏହା ନିଶ୍ଚିତଭାବେ ଆମ ଅଞ୍ଚଳ ପାଇଁ ଗୌରବର ବିଷୟ। ଆମ ଗାଁର ପିଲାମାନେ ଏବେ ଅନ୍ତର୍ଜାତୀୟ ସ୍କୁଲରେ ପାଠ ପଢ଼ିବେ, ସେଇଟା କିଛି କମ୍ କଥା ନୁହେଁ। ଆଜି ସକାଳେ ମୋତେ ହୃଦ୍‌ବୋଧ ହେଲା ଯେ ଅନ୍ତର୍ଜାତୀୟ ସ୍କୁଲ ସ୍ଥାନୀୟ ଅଞ୍ଚଳ ଉପରେ କିପ୍ରକାର ପ୍ରଭାବ ପକେଇ ପାରେ। ସକାଳେ ପାଖ ଦୋକାନରୁ କିଛି ସଉଦା କିଣିବା ପରେ ଯେତେବେଳେ କେତେ ହେଲା ପଚାରିଲି ଦୋକାନୀ ଉତ୍ତର ଦେଲା, ଥାର୍ଟି ଥ୍ରୀ। ମୁଁ ପଚାରିଲି, ତେତିଶ ତ? ମୋତେ ବିରକ୍ତିଆ ଭାବଟେ ରଖି ଅନେଇ ଦୁଇ ତିନି ସେକେଣ୍ଡ ଚୁପ୍ ରହିବା ପରେ ମୁଣ୍ଡ ଟୁଙ୍ଗାରି 'ହଁ' କଲା। ପାଖରେ ଛିଡ଼ା ହେଇ ସାବୁନ୍ କିଣୁଥିବା ରମା ବୋଉ ମାଉସୀ ଦୋକାନୀକୁ ପଚାରିଲେ, ପୁଅ ଏ ସାବୁନ୍ କେତେ ? ଦୋକାନୀ କହିବା ପୂର୍ବରୁ ମୁଁ ତାଙ୍କ ହାତରୁ ସାବୁନ୍ ନେଇ ଦାମ ଦେଖିଲା ପରେ କହିଲି, ଫାଇଭ ରୁପିସ୍ ଓନ୍‌ଲି।
-- ଏଁ ... କେତେ କହିଲ ପୁଅ ?

ମୁଁ ପୁଣି ଦୋହରେଇଲି, ମାଉସୀ ଫାଇଭ୍ ରୁପିସ୍ ଓନ୍‌ଲି। ଫାଇଭ୍....ବୁଝିଲ ? ମାଉସୀ ମୋ ହାତରୁ ସାବୁନ ନେଇ ଦୋକାନୀ ହାତକୁ ବଢ଼େଇ ଦେଇ କହିଲେ, ଥାଉ ପୁଅ ଏତେ ଦାମିକା ସାବୁନ୍ ଦରକାର ନାହିଁ। ତମ ପାଖରେ ସେ ପାଞ୍ଚ ଟଙ୍କିଆ ଗାଧେଇବା ସାବୁନ୍ ନାହିଁ? କଥାଟା ଯାହା ହେଉନା କାହିଁକି ଏହା ନିଶ୍ଚିତ ଯେ କୌଣସି ବସ୍ତୁର ମୂଲ୍ୟ ଯଦି ଓଡ଼ିଆ ବଦଳରେ ଇଂଲିଶରେ କୁହାଯାଏ ତେବେ ତା'ର ମର୍ଯ୍ୟାଦା ବଢ଼େ ଏହା ମୋ ଭଳି ଅନେକଙ୍କ ବଦ୍ଧମୂଳ ଧାରଣା ଆଜି ବି ଅଛି। ଏପଟେ ସ୍କୁଲ ଖୋଲିବା ଦ୍ୱାରା ସ୍କୁଲ ପାଖରେ କାହାର କେବିନ୍ କେଉଁଠି ପଡ଼ିବ ସେ ନେଇ ଚାପା ଉତ୍ତେଜନା ଗାଁ ଯୁବକଙ୍କ ଭିତରେ ଉଠିଲାଣି। କିଏ ଖାତା ପେନ୍ ଦୋକାନ ତ କିଏ ଚା ଜଳଖିଆ ଦୋକାନ କରିବ। ଗାଁର ଆଉ କିଛି ଆଶାୟୀ ଯୁବକ ସ୍କୁଲରେ ପିଅନ, ବସ୍ ଡ୍ରାଇଭର ଚାକିରି ପାଇଁ ମଧ୍ୟ ଭିତିରିଆ ଯୋଗାଯୋଗ କଲେଣି। ଗାଁର କିଛି ପ୍ରଭାବୀ ମୁରବୀସ୍ଥାନୀୟ ଲୋକ ଏବେ ନିଜର ଝିଅ ବୋହୂଙ୍କୁ ସେଠି ଥଇଥାନ କରିବା ଯୋଜନାରେ ଅଛନ୍ତି। ବିଶେଷକରି ନିଜର ଅବିବାହିତା ଝିଅମାନେ ଯେମିତି ସେଠି ଚାକିରି ଖଣ୍ଡେ ପାଇବେ ସେଇଟା ସେମାନେ ଆଗୁଆ ସ୍କୁଲ ପ୍ରତିଷ୍ଠାତାଙ୍କ ସହ ସେଟିଂ କରିବା ଦୌଡ଼ରେ ଅଛନ୍ତି। ଚାକିରିଆ ଝିଅ ଦେଖିଲେ ଭାବୀଜୋଇଁର ଘରବାଲା ଝିଅର କିଛି ଆବୁରୁଜାବୁରିଆ ଖୁଣକୁ ଅଣଦେଖା କରିଦିଅନ୍ତି ବୋଲି ଶୁଣାଯାଏ। ଝିଅ ଯେତେବେଳେ ଅନ୍ତର୍ଜାତୀୟ ସ୍କୁଲ ଟିଚର ସେତେବେଳେ ବିବାହର ପଥ ସୁଗମ ହୋଇଯାଏ। ହେଉ ପଛେ ଆଠଶହ ଟଙ୍କା ଦରମା ନେଇ ଆଠ ହଜାର ପାଇଛନ୍ତି ବୋଲି ଦସ୍ତଖତ କରନ୍ତୁ। ଆମ ଘରେ କାମ କରୁଥିବା ଉମା ଚାରିଦିନ ଆଗରୁ କହିଦେଇଛି ଏ ମାସ ଦରମା ସହ ତାକୁ ଆଉ ଦୁଇ ମାସ ଦରମା ଆଗୁଆ ଦରକାର। ତା' ପୁଅ ଟାଏ ବେଲ୍ଟ ଜୋତା ପିନ୍ଧି କାନ୍ଧରେ ଝୁଲା ବ୍ୟାଗ୍ ପକେଇ ଏବେ ତାକୁ ଟାଆ ଟାଆ କରି ସ୍କୁଲ ଯିବ। ବାବୁ ଘର ପିଲାଙ୍କୁ ସ୍କୁଲ ଯିବାର ଦୂରରୁ ଦେଖି ଦୀର୍ଘନିଃଶ୍ୱାସ ଛାଡୁଥିବା ଉମାର ସପନ ଆଜି ପୂରା ହୋଇଛି। ତା' ପୁଅ ବି ଆଜି ଇଂଲିଶ ଇସ୍କୁଲ ଯିବ କହିଲା ବେଳେ ତା ଆଖିର ଝଲକ ଦେଖି ବୁଝି ହେଉଥିଲା କେତେ ଉଲ୍ଲସିତ ସେ !

ଯାହା ବଡ଼ ବଡ଼ ସାମ୍ୟବାଦୀମାନେ ମୁଣ୍ଡ ଖଟେଇ, ବହି ପଢ଼ି, ଭାଷଣ ମାରି କରିପାରି ନ ଥିଲେ ତାହା ଆଜି ପ୍ରତି ଗାଁରେ ଛତୁ ଭଳି ଫୁଟୁଥିବା ଇଣ୍ଟରନ୍ୟାଶନାଲ ସ୍କୁଲ ସବୁ କରିଦେଲେ। ଯୁଗ ଯୁଗ ଧରି ଅ'ରେ ଅରଟ ପଢୁଥିବା ଉମା ଭଳି ଗରିବଗୁରୁବା ଲୋକଙ୍କ ପିଲାମାନେ ଏବେ ଧନୀ ଗରିବ ନିର୍ବିଶେଷରେ ବଡ଼ ଲୋକଙ୍କ ପିଲାମାନଙ୍କ ଭଳି ଏ' ଫର ଆପଲ ପଢ଼ିବେ। ଯାକୁ ହିଁ କୁହନ୍ତି ସାମ୍ୟବାଦ। ଗୋଟିଏ ଦେଶ ଗୋଟିଏ ଶିକ୍ଷା। ଗୋଟିଏ ଅଞ୍ଚଳରେ ଅନେକ ସ୍କୁଲ ହୋଇଗଲେ ଯେ ସେ ଅଞ୍ଚଳର ସମସ୍ତେ ଶିକ୍ଷିତ ହୋଇଯିବେ ସେ ଧାରଣା ଭ୍ରମ। କେବଳ ଶିକ୍ଷା ପ୍ରାପ୍ତ ଦ୍ୱାରା ଜଣେ ଶିକ୍ଷିତ ହେବ ତାହା ବି ନୁହେଁ। ଜଣେ ଶିକ୍ଷିତଙ୍କ ଦ୍ୱାରା ଶିକ୍ଷାଦାନ ହିଁ ଆଉ ଜଣଙ୍କୁ ଶିକ୍ଷିତ କରିପାରିବ। ଥଇଥାନ ସ୍କିମ୍‌ରେ ନିଯୁକ୍ତି ପାଇଥିବା ତଥାକଥିତ ଶିକ୍ଷିତମାନେ ଯେ କେତେ ଦୂର ପିଲାଙ୍କୁ ଶିକ୍ଷିତ କରିପାରିବେ ତାହା ଅବଶ୍ୟ ଚିନ୍ତାର ବିଷୟ। ଆଞ୍ଚଳିକ ସ୍କୁଲଗୁଡ଼ିକରେ ଏଲ୍‌ପି, ୟୁପି,ଏମ୍‌ଇ, ହାଇସ୍କୁଲର ଉଚ୍ଚ ସହ ଉଚ୍ଚାଙ୍ଗ ଶିକ୍ଷା ପଦ୍ଧତିରେ ଶିକ୍ଷିତ ହୋଇଥିବା ଆମ ଗାଁର ଅଧିକାଂଶ ପିଲା ପ୍ରାୟ ବାସ୍ତବବାଦୀ। ପିଲାମାନଙ୍କୁ ପଚାରିଲେ ସେମାନେ ବାସ୍ତବବାଦୀ ଉତ୍ତର ରଖନ୍ତି। କିଏ ବଡ଼ ହେଲେ ଭଲ ଜଳଖିଆ ଦୋକାନ କି ବଡ଼ ଟେଜରାଟି ଦୋକାନ କରିବ ତ ଆଉ କିଏ ପାଠ ପଢି ବଡ଼ ହେଲେ ବଡ଼ କେବିନଟିଏ କରି ପାନ ଦୋକାନ ସହ ଷ୍ଟେସନାରି ଜିନିଷ ରଖିବ। ବଡ଼ ହେଲେ ଡାକ୍ତର ଇଞ୍ଜିନିୟର କିମ୍ବା ଆଇଏଏସ୍ ହେବାର ସ୍ୱପ୍ନ ଦେଖୁଥିବା ଅଧିକାଂଶ ତଥାକଥିତ ଶିକ୍ଷିତ ଲୋକଙ୍କ ପିଲାମାନେ ଯେତେବେଳେ ଦିନଯାକ ହାତରେ ସାର୍ଟିଫିକେଟ ଧରି ଏ ଅଫିସରୁ ସେ ଅଫିସ ବୁଲୁଥାନ୍ତି ସେତେବେଳେ ଗାଁ ମୁଣ୍ଡରେ ପାନ ଦୋକାନଟିଏ କରିଥିବା ତା'ର ସହପାଠୀ ନିଜର ନିୟମିତ ସ୍ଥାୟୀ ରୋଜଗାରରେ ପରିବାରର ଭରଣ ପୋଷଣ କରୁଥାଏ। ତେଣୁ ଏମିତି ବଡ଼ଲୋକିଆ ଶିକ୍ଷା ଯେ ପିଲାଙ୍କୁ ଅବାସ୍ତବ ତଥା ଉଦ୍ଭଟ ସ୍ୱପ୍ନ ଦେଖାଏ ଓ ସ୍ୱଳ୍ପ ଶିକ୍ଷା ପିଲାଙ୍କୁ ବାସ୍ତବଧର୍ମୀ କରାଏ ତାହାର ଜ୍ୱଳନ୍ତ ପ୍ରମାଣ ଏହି ଲେଖକ ପାଇସାରିଛି। କଟକରେ ଅତି ଉଚ୍ଚାଙ୍ଗ ଶିକ୍ଷାଦାନ କରୁଥିବା ଏକ ସ୍କୁଲ ଅଧ୍ୟକ୍ଷ ଥରେ ମନ ଦୁଃଖରେ କହିଲେ ଭୁବନେଶ୍ୱରରେ ଥିବା ଏକ ସ୍କୁଲ ପ୍ରତିଦିନ ଛଅଟା ବଡ଼ ବସ୍ ପଠେଇ ତାଙ୍କ ଏରିଆରୁ ଅଧା ପିଲାଙ୍କୁ ନେଇ ଯାଉଛି। ଏହା ସତ୍ୟ ନିଜ ଗାଁ ଗରାଖ ଯଦି ଅନ୍ୟ ଗାଁ ଦୋକାନକୁ ଯାଆନ୍ତି ତେବେ ମନ ଦୁଃଖ ହେବା ସ୍ୱାଭାବିକ। ମୁଁ ବି ତାଙ୍କୁ ସମବେଦନା ଜଣେଇ କହିଲି, ଆଉ କ'ଣ କରିପାରିବା ଆଜ୍ଞା ଗରାଖ ଈଶ୍ୱର । ଗରାଖଙ୍କ ଯେଉଁଠି ପସନ୍ଦ ସେ ସେଇ ଦୋକାନକୁ ଯିବେ ଏଥିରେ କିଏ କ'ଣ କରିପାରିବ ! ବରଂ ଆପଣ ଦୂର ଦୂରାନ୍ତରେ ରହୁଥିବା ଛାତ୍ରରୂପୀ ଈଶ୍ୱରମାନଙ୍କୁ ଆପଣଙ୍କ ମନ୍ଦିର ଆଡ଼େ ଟାଣିବା ପାଇଁ ପୂଜା ଅଫର ଭଳି କିଛି ସ୍କିମ୍ ଆରମ୍ଭ କରନ୍ତୁ। କୋଡ଼ିଏ ଜଣ ପିଲାଙ୍କୁ ଘଉଡ଼େଇ ଆପଣଙ୍କ ଗୁହାଳକୁ ଆଣିପାରୁଥିବା ଲୋକଙ୍କୁ ସହକାରୀ ଶିକ୍ଷକ ପଦ, ତିରିଶ ଜଣ ପିଲାଙ୍କୁ ଆଣିଲେ ଶିକ୍ଷକ ପଦ ମିଳିବ। ତା' ସହ ରିହାତି ଦରରେ ଟିଉସନ ସାର୍ ଯୋଗାଇ ଦେବାର ପ୍ରତିଶ୍ରୁତି। କିଛି ପିଲାଙ୍କୁ ଭଡ଼ାରେ ଆଣି ସେମାନଙ୍କୁ ସ୍କୁଲ ଡ୍ରେସ୍ ପିନ୍ଧେଇ ତାଙ୍କ ଫଟୋ ସ୍କୁଲ ଗେଟ୍ ପାଖରେ ମାରନ୍ତୁ। ତଳେ ଲେଖନ୍ତୁ ଏତକ ପିଲା ୯୫ ପ୍ରତିଶତ ନମ୍ବର ରଖିଛନ୍ତି। କାହାକୁ ସମୟ ଅଣ୍ଟୁଛି ଯେ ସେ ଆସି ସତ୍ୟତା ପରୀକ୍ଷା କରିବ। କିନ୍ତୁ ମାନେକ୍ୱିନକୁ ଦେଖି ଗରାଖ ଦୋକାନ ପ୍ରତି ଆକୃଷ୍ଟ ହେଲାଭଳି ଏସବୁ ପୋଷ୍ଟର ଦେଖି ଅଭିଭାବକ ଆପଣଙ୍କ ସ୍କୁଲ ପ୍ରତି ଆକୃଷ୍ଟ ହେବେ। ସତକଥା ହେଲା ଏଠି ମନ୍ଦିର ମାଲ ମାଲକୁ ଠାକୁର କମ୍। ଠାକୁର ନିଜେ କନ୍‌ଫ୍ୟୁଜ କେଉଁ ମନ୍ଦିରରେ ରହିବେ। ତେଣୁ ଠାକୁରଙ୍କୁ ନିଜ ମନ୍ଦିର ଆଡ଼କୁ ଆକର୍ଷିତ କରିବାକୁ ହେଲେ ଭୋଗରାଗ ସହ ମନ୍ଦିର ତୋରଣକୁ ଆକର୍ଷଣୀୟ କରିବାକୁ ହେବ। ପାଠ ନ ପଢ଼େଇଲେ ପଛେ ଚଳିବ କିନ୍ତୁ ସ୍କୁଲର ନାଁ ଠୁ ନେଇ ୟୁନିଫର୍ମ ପର୍ଯ୍ୟନ୍ତ ସବୁଠି ଇଂଲିଶ ଇଂଲିଶ ବାସିବା ଦରକାର। ଦୂରରୁ କୌଣସି ଏକ ଫିଲ୍ମ ଗୀତ ଭାସିଆସୁଥିଲା ଆକାଶ ମେଁ ପଂଖି ଗାଇଂଗ, ବଗୀୟନ ମେଁ ଗାଇଂଗ...


– ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଚୀନ୍‌ରେ ସାତ ଦିନ

ଦିନେଶ କୁମାର ମାଳୀ
ଅନୁବାଦ–କନକ ମଞ୍ଜରୀ ସାହୁ
**ଟାଇମ୍ ପାସ୍ ପବ୍ଲିକେଶନ୍ସ, ଭୁବନେଶ୍ୱର, ମୂଲ୍ୟ–୧୭୫ଟଙ୍କା**

ଚୀନରେ ସାତ ଦିନ ଦିନେଶ କୁମାର ମାଳୀଙ୍କ ଭ୍ରମଣ କାହାଣୀ । ଏହାକୁ ଅନୁବାଦ କରିଛନ୍ତି କନକ ମଞ୍ଜରୀ ସାହୁ। ସୃଜନ ସମ୍ମାନ ତରଫ୍ କମ୍ ପକ୍ଷରୁ ନିମନ୍ତ୍ରଣ ପାଇ ୨୦୧୪ରେ ଚୀନ୍‌ର ବେଜିଂ ଓ ଶାଂଘାଇକୁ ଯାତ୍ରା କରିବାର ସ୍ମରଣୀୟ ଅନୁଭୂତିକୁ ନେଇ ପୁସ୍ତକଟି ରଚିତ। ଏହାର ଓଡ଼ିଆ ଅନୁବାଦ ବେଶ୍ ଚମତ୍କାର ଭାବେ କରିଛନ୍ତି ଲେଖିକା। ଏଥିରେ ଚୀନ୍‌ର ସାହିତ୍ୟ, ସଂସ୍କୃତି ଓ ଇତିହାସ ବିଷୟରେ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି। ଏଥିରେ ଚୀନ୍‌ର ସାହିତ୍ୟିକ ପରିବେଶ ବିଷୟରେ ମଧ୍ୟ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଆଶା ପୁସ୍ତକଟି ବେଶ୍ ଆଦରଣୀୟ ହେବ ।




### ଗଙ୍ଗଶିଉଳିର ଲୁହ

ଲେଖକ–କେଶବ ଚନ୍ଦ୍ର ରାଉତରାୟ
ପ୍ରକାଶକ– ଦିବ୍ୟ ପ୍ରକାଶନୀ
**ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର, ମୂଲ୍ୟ–୨୦୦ଟଙ୍କା**


ଗଙ୍ଗଶିଉଳିର ଲୁହ କେଶବ ଚନ୍ଦ୍ର ରାଉତରାୟଙ୍କ ଦ୍ୱିତୀୟ ଉପନ୍ୟାସ । ଏଥିରେ ମାନବିକତା ମଣିଷର ଶ୍ରେଷ୍ଠ ସମ୍ପଦ ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି ଲେଖକ। ଅଧର୍ମ, ଅନ୍ୟାୟ, ଅସତ୍ୟର ମାଥ୍ୟା ପିରାମିଡକୁ ଭାଙ୍ଗି ସତ୍ୟ–ଧର୍ମ ଓ ନ୍ୟାୟର ମନ୍ଦିର ଗଢିବାକୁ ଆହ୍ୱାନ ଦେଇଛନ୍ତି ଲେଖକ। ନାରୀ ଶକ୍ତିର ଉତ୍ତରଣକୁ ସେ ଅକୁଣ୍ଠ ଚିତ୍ତରେ ସମର୍ଥନ କରିଛନ୍ତି। ଆଶା ପୁସ୍ତକଟି ତାଙ୍କ ଅନ୍ୟ ସୃଷ୍ଟି ଭଳି ପାଠକୀୟତା ଲାଭ କରିବ।




### ଅନୁମତି: ଶୀତ ସଂଗୀତ

ହିମାଂଶୁ କୁମାର ପଟ୍ଟନାୟକ
**ପ୍ରକାଶକ– କାବ୍ୟଲୋକ, ଭୁବନେଶ୍ୱର–୨, ମୂଲ୍ୟ–୧୨୦ଟଙ୍କା**

ଅନୁମତି: ଶୀତ ସଂଗୀତ ହିମାଂଶୁ କୁମାର ପଟ୍ଟନାୟକଙ୍କ କବିତା ପୁସ୍ତକ । ଏଥିରେ କବି ନାରୀଙ୍କୁ ଅମାପ ଐଶ୍ୱର୍ଯ୍ୟ ଭାବେ ବର୍ଣ୍ଣନା କରିଛନ୍ତି । ତା'ସହ ପ୍ରକୃତି ଓ ପ୍ରେମକୁ ନେଇ ସେ ଅନେକ ସୁନ୍ଦର କବିତା ରଚନା କରିଛନ୍ତି । ଦାରିଙ୍ଗବାଡିର ଯେଉଁ ରୂପ କବି ବର୍ଣ୍ଣନା କରିଛନ୍ତି, ତାହା ଅତ୍ୟନ୍ତ ମନୋମୁଗ୍ଧକର। ଇକୋଟୁରିଜମ୍‌ର ଟେଣ୍ଡରେ ଶୀତର ପ୍ରକୋପ କିପରି ତାହା ସେ ବର୍ଣ୍ଣନା କରିଛନ୍ତି। କବିଙ୍କର କବିତାଗୁଡ଼ିକରେ ଜଣେ ଦାରିଙ୍ଗବାଡିର ଛବିକୁ ଅନୁଭବ କରିପାରିବେ। ଆଶା କରାଯାଏ ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ।





# ଝିଣ୍ଟିକା ପରି ଘର

ଏଇ ଫଟୋକୁ ଦେଖି ଲାଗୁଥିବ ଏତେ ବଡ଼ ବଡ଼ ଝିଣ୍ଟିକା କୋଉଠୁ ଆସିଲା । କିନ୍ତୁ ପ୍ରକୃତରେ ଏହା ଝିଣ୍ଟିକା ନୁହେଁ, ବରଂ ଏକ ଘର । ଦକ୍ଷିଣ କୋରିଆ ଜିଓଙ୍ଗସିଓନ, ଗୁଜିଓଲରି ଟ୍ରେନ୍ ଷ୍ଟେଶନ୍ ନିକଟସ୍ଥ ଔରାଜି ରେଲ ବାଇକ୍ ରୁଟ୍‌ରେ ଅଛି ଏହି ଅଜବ ଘର । ପ୍ରକୃତରେ ଏହା 'ଗ୍ରାସହପର୍‌ସ ଡ୍ରିମ' ନାମକ ଏକ ରେଷ୍ଟୁରାଣ୍ଟ । ଟ୍ରେନ ବଗିରେ ତିଆରି ଏହି କାଫେକୁ ଦେଖିଲେ ଲାଗେ ଦୁଇଟି ବଡ଼ ବଡ ଝିଣ୍ଟିକା ଗୋଟିକ ଉପରେ ଗୋଟିଏ ଅଛି । ଏହି ଝିଣ୍ଟିକାର ବଡ ବଡ ଗୋଡ ଓ ଆଣ୍ଟିନା ବି ଅଛି । ରାତିରେ ଇନସେକ୍ଟ ଥିମ୍‌ର ଏହି କାଫେ ଏହାର ତଳଭାଗରେ ଲଗାଯାଇଥିବା ଲାଇଟ୍ ଦ୍ୱାରା ଝଲସି ଉଠେ ।

ବ୍ୟାକ୍ ପେଜ୍





# କୁକୁରଙ୍କ ପାଇଁ ରେଷ୍ଟୁରାଣ୍ଟ




ଯେଉଁମାନେ ଘରେ ପେଟ୍ ରଖିଥାନ୍ତି, ସେମାନଙ୍କ ପାଇଁ ତାଙ୍କ ପେଟ୍ ପରିବାରର ସଦସ୍ୟ ଭଳି ହୋଇଥାନ୍ତି । ସେମାନେ ତାଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ଦେବାକୁ ଚାହାନ୍ତି । କିନ୍ତୁ ଯେତେବେଳେ କୌଣସି ରେଷ୍ଟୁରାଣ୍ଟକୁ ଯିବାକୁ ହୁଏ, ସେତେବେଳେ ସେମାନଙ୍କୁ ନେବା ସମ୍ଭବ ହୁଏନା । କାରଣ ଅଧିକାଂଶ ସ୍ଥାନରେ ପେଟ୍‌ଙ୍କୁ ନେବା ମନା ଥାଏ । ଏହାକୁ ଦୃଷ୍ଟିରେ ରଖି ଆମେରିକାର ସାନଫ୍ରାନ୍ସିସ୍କୋରେ ଏକ ଖାସ୍ ରେଷ୍ଟୁରାଣ୍ଟ ଖୋଲା ଯାଇଛି । ଏଠାରେ କେବଳ ପେଟ୍ ଡଗ୍‌ଙ୍କ ପାଇଁ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥାଏ । ଉକ୍ତ ରେଷ୍ଟୁରାଣ୍ଟର ନାମ ହେଉଛି 'ଡଗ୍ଗ୍ୟ' । ଏଠି କୁକୁରଙ୍କ ମନପସନ୍ଦର ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଯେଉଁଥିରେ ପେଷ୍ଟ୍ରିଜ୍ ଓ ଚାରକୋଲ ସହ ମିଶ୍ରିତ କ୍ରିମି ଡ୍ରିଙ୍କ ଡଗୋଚିନୋ ଅନ୍ୟତମ । ରବିବାର ଦିନ ଏହା 'ବୋନ ଆପେଟାଇଟ୍ କାଫେ'ରେ ପରିବର୍ତ୍ତିତ ହୋଇଯାଏ । ଆଉ ୩ କୋର୍ସ ମେନ୍ୟୁ ମିଳେ । ସେପୁଣି ସୁନ୍ଦରଭାବେ ଗାର୍ନିଶ କରାଯାଇ । ତେଣୁ ଏହି ରେଷ୍ଟୁରାଣ୍ଟକୁ ପେଟ୍ ମାଲିକମାନେ ବେଶ୍ ପସନ୍ଦ କରୁଛନ୍ତି ।

# ମେଣ୍ଢା ଗଣି ଗଣି ଶୋଇବେ



ଆଜିକାଲି ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଜୀବନର ଏକ ମୁଖ୍ୟ ଅଂଶ ପାଲଟିଗଲାଣି । ଏଥିରେ ମଣିଷ ଏତେ ସମୟ ବିତାଉଛି ଯେ, ଅନ୍ୟ ସବୁ କିଛି ଭୁଲି ଯାଉଛି । ଫଳରେ ଅନେକ ସମସ୍ୟା ଦେଖାଦେଉଛି । ଯେଉଁଥିରେ ଅନିଦ୍ରା ଏକ ବଡ଼ ସମସ୍ୟା । ଏହାକୁ ଦୂର କରିବା ପାଇଁ ଏକ ଟେକ୍ କମ୍ପାନୀ ନୂଆ ଉପାୟ ବାହାର କରିଛି । କମ୍ପାନୀ ଅନିଦ୍ରାଗ୍ରସ୍ତ ଲୋକଙ୍କ ପାଇଁ 'ଏମା ସ୍ଲିପ୍' ନାମକ ଏକ ସ୍ଲିପ୍ ସାଙ୍କଚୁଆରୀ ତିଆରି କରିବାର ଯୋଜନା କରୁଛି । ଏହାଦ୍ୱାରା ଇନସୋମ୍ନିଆ ତଥା ଅନିଦ୍ରା ଜନିତ ସମସ୍ୟା ଭୋଗୁଥିବା ଲୋକଙ୍କୁ ଗଭିର ନିଦରେ ଶୋଇବାରେ ସାହାଯ୍ୟ ମିଳିବ । ଏହି 'ଏମା ସ୍ଲିପ' ହୋଟେଲ ଖୋଲା ଘାସ ପଡିଆରେ ତିଆରି ହେବ । ଘାସ ପଡିଆ ମଝିରେ କାଚର ଏକ ଡୋମ୍ ବା ଗୋଲାକାର ଘର ତିଆରି କରାଯିବ, ଯାହାକି ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ ହେବ । ଏହା ଭିତରେ ଏକ ଶେଜ ପଡିବ । ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଥିବ ସେମାନେ ଏହି ହୋଟେଲରେ ରହିବେ । ଆଉ ବେଡ୍‌ରେ ଥାଇ ରାତିରେ ପଡିଆରେ ଚରୁଥିବା ମେଣ୍ଢାଗୁଡିକୁ ଗଣିବେ । ସେଇ ମେଣ୍ଢାଗୁଡିକ ଉପରେ ନମ୍ବର ଲେଖାଯାଇଥିବ । ଅନିଦ୍ରା ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କୁ ସେହି ନମ୍ବର କରାଯାଇଥିବା ମେଣ୍ଢାଗୁଡିକୁ କ୍ରମାନୁସାରେ ଗଣିବାକୁ ହେବ । ସେମାନେ ସେ ପର୍ଯ୍ୟନ୍ତ ଗଣିବେ ଯେପର୍ଯ୍ୟନ୍ତ ଗଭିର ନିଦ ନ ଆସିଛି । ଏହାର ଏକ୍ସପେରିମେଣ୍ଟ ସସେକ୍ସ, ବ୍ରିଟେନ୍‌ରେ ୨୦୨୩ରେ ହେବାକୁ ଯାଉଛି । ଏହା ମାଧ୍ୟମରେ କମ୍ପାନୀ ପ୍ରକୃତି ଓ ବିଜ୍ଞାନକୁ ଏକାଠି କରିବାକୁ ଚାହାନ୍ତି ।

